# ନୀରବ ପଡ଼ିଛି ପାନ୍ଥିକା ଗୋକର୍ଣ୍ଣିକା ପାନ୍ଥଶାଳା

- ପୁନରୁଦ୍ଧାର ପରେ ବି ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର ହେଉନି
- ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି
- ପାନ୍ଥଶାଳା ଆଗରେ ହେଉଛି ଟ୍ରକ୍ ପାର୍କିଂ

**କାଏମା, ୨୯।୩(ଶିବପ୍ରସାଦ ମହାନ୍ତି):**


ପାନ୍ଥଶାଳା ଆଗରେ ବଡ଼ ବଡ଼ ଟ୍ରକ୍ ପାର୍କିଂ କରାଯାଇଛି ।

ଯାଜପୁର ଜିଲା ୧୬ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଥିବା ଶୈବପୀଠ ଗୋକର୍ଣ୍ଣିକା ନିକଟରେ ରହିଛି ପାନ୍ଥିକା ଗୋକର୍ଣ୍ଣିକା ପାନ୍ଥଶାଳା। ଦୀର୍ଘ ବର୍ଷ ହେବ ଏହି ପାନ୍ଥଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିଲା । ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପାନ୍ଥଶାଳା ପୁନରୁଦ୍ଧାର ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ବି ତାହା ଆଜି କାହା କାମରେ ଲାଗୁନି । ସତେ ଯେମିତି ଏହି ପାନ୍ଥଶାଳା ନୀରବରେ ପଡି ରହି ଗୁମୁରୀ ଗୁମୁରୀ କାନ୍ଦୁଛି ।

ପର୍ଯ୍ୟଟନ କ୍ଷେତ୍ରରେ ସାରା ରାଜ୍ୟ ତଥା ଦେଶ ଓ ବିଦେଶରେ ଯାଜପୁର ଜିଲା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ରତ୍ନଗିରି, ଉଦୟଗିରି, ଓଲାଶୁଣି ଭଳି ସ୍ଥାନ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଧର୍ମଶାଳାରେ ରହିଛି ଲଙ୍ଗୁଡ଼ି, ଦେଉଳି, କାଏମା, ହାତିଆଶୁଣି, ରାଧାନଗର, ତାରାପୁର ଭଳି ଅନେକ ପର୍ଯ୍ୟଟନ ସ୍ଥାନ। ସେଥିପାଇଁ ଅଧିକାଂଶ ସମୟରେ ପର୍ଯ୍ୟଟନମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଥାନ୍ତି। ସେମାନଙ୍କ ସୁବିଧା, ରହଣୀ ଓ ଖାଦ୍ୟପେୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପାନ୍ଥଶାଳା ତଥା ପାନ୍ଥିକା ଗୋକର୍ଣ୍ଣିକାର ନିର୍ମାଣ କରାଯାଇଥିଲା। ୨୦୦୧ ଡିସେମ୍ବର ୫ରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଧର୍ମଶାଳାର ବିଧାୟକ କଳ୍ପତରୁ ଦାସ ଏହି ପାନ୍ଥଶାଳାର ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଏହି ପାନ୍ଥଶାଳ ଦ୍ୱାରା ବିଶେଷ ଉପକୃତ ହେଉଥିଲେ। ହେଲେ କୌଣସି କାରଣରୁ ଏହି ପାନ୍ଥଶାଳକୁ ଜଣେ ବ୍ୟକ୍ତିଙ୍କୁ ଲିଜ୍‌ସୂତ୍ରରେ ଦିଆଯାଇଥିଲା । ସେହି ବ୍ୟକ୍ତି ଏହାକୁ ହୋଟେଲ ଭାବେ ବ୍ୟବହାର କରିଥିଲେ। ଫଳରେ ସେହି ହୋଟେଲରେ ଆମିଷ ଖାଦ୍ୟ ପରସା ଯିବା ସହିତ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବଢ଼ି ଚାଲିଥିଲା । ଏପରି ଅଭିଯୋଗ ପରେ ସେହି ହୋଟେଲକୁ ବନ୍ଦ କରାଯାଇଥିଲା । ଇତିମଧ୍ୟରେ ୧୦ବର୍ଷ ବିତିଛି । ସେହି ଲୋକପ୍ରିୟ ପାନ୍ଥଶାଳା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମନରୁ ହଜିବାକୁ ବସିଛି। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ୨୦୨୩-୨୦୨୪ ମସିହାରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିପାଇଁ ୭୨ଲକ୍ଷ ୬୬ହଜାର ଟଙ୍କାର ବ୍ୟୟ ବରାଦରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେହି କାମ ଶେଷ ହୋଇଥିଲେ ବି ତାଙ୍କ ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବା ଯାଜପୁରର ପର୍ଯ୍ୟଟନ ବିଭାଗ ଉପ ନିର୍ଦ୍ଦେଶକ ହିମାଳୟା ତ୍ରିପାଠୀ କହିଛନ୍ତି । ଏହା ଆଉ କାହାକୁ ଲିଜ୍‌ସୂତ୍ରରେ ଦିଆଯିବ ନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ଦୀର୍ଘ ବର୍ଷ ଧରି ପାନ୍ଥଶାଳାଟି ବନ୍ଦ ହେବା ଫଳରେ ଭିତର ଅବସ୍ଥା ବ୍ୟବହାର ଉପଯୋଗୀ ହେଇନାହିଁ। ଚାରିଆଡେ ଅଳିଆ ଆବର୍ଜନା ପଡ଼ି ରହିଛି। ରାତିରେ ସେଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି । ପାନ୍ଥଶାଳ ସମ୍ମୁଖ ଏବେ ବଡ଼ ଗାଡ଼ିଗୁଡ଼ିକର ପାର୍କିଂ ସ୍ଥାନ ପାଲଟିଛି । ରାଜପଥରୁ ଦେଖିଲେ ପାନ୍ଥଶାଳା ସ୍ପଷ୍ଟ ଦୃଷ୍ଟିଗୋଚର ହେଉନି । ଏହାର ସୁରକ୍ଷା ନିମନ୍ତେ ୩ ଜଣ ସୁରକ୍ଷା କର୍ମୀ ନିଯୁକ୍ତି ଥିବା ବେଳେ ସେଠାରେ କାହାରିକୁ ଦେଖିବାକୁ ମିଳୁନାହିଁ। ତୁରନ୍ତ ଏ ସଂକ୍ରାନ୍ତରେ ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ପାନ୍ଥିକ ଦୀର୍ଘ ଦିନ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା । ଗତବର୍ଷ ଏହାର ପୁନରୁଦ୍ଧାର କାମ କରାଯାଉଥିଲା। କାମର ସ୍ଥିତି ଦେଖି ଏହାକୁ ଯଥା ଶୀଘ୍ର ଖୋଲା ଯିବା ପାଇଁ ବ୍ୟବସ୍ଥା କରାଯିବ ।

## ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀ ସମ୍ମାନିତ


ଦୀପସା ପ୍ରିୟଦର୍ଶିନୀଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଉଛି ।

**ରସୁଲପୁର, ୨୯।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ରୀ ଦୀପସା ପ୍ରିୟଦର୍ଶିନୀ ସାହୁଙ୍କୁ ଡବଲ ସଫଳତା ମିଳିଛି । ଛାତ୍ରୀ ସାହୁ ଏକାସାଙ୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଥିବା ବେଳେ ଛାତ୍ରୀଙ୍କର କୃତିତ୍ୱକୁ ନେଇ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମେତ ଅନ୍ୟ ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । କଠିନ ପରିଶ୍ରମ, ଗୁରୁମା, ଗୁରୁଜୀ, ମା'ବାପାଙ୍କ ସହଯୋଗ ଯୋଗୁଁ ତାଙ୍କୁ ଏହି ସଫଳତା ମିଳି ପାରିଛି ବୋଲି ଛାତ୍ରୀ ଦୀପସା ପ୍ରକାଶ କରିଛନ୍ତି ।

## ଇମ୍ଫା ପକ୍ଷରୁ ପିମ୍ପୁଡ଼ିଆରେ ସ୍ୱାସ୍ଥ୍ୟ ଶିବିର


ସ୍ୱାସ୍ଥ୍ୟଶିବିରରେ ଡାକ୍ତର ରୋଗୀମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି ।

**କାଳିଆପାଣି, ୨୯।୩(ଅସିତ୍ ମହାନ୍ତ):**

ଯାଜପୁର ଜିଲା କ୍ରୋମନଗରରେ କାର୍ଯ୍ୟରତ ଇମ୍ଫା କମ୍ପାନୀ ପକ୍ଷରୁ ଶନିବାର ପିମ୍ପୁଡ଼ିଆରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ପିମ୍ପୁଡ଼ିଆ ପଞ୍ଚାୟତର ପତିତପାବନ ହାଇସ୍କୁଲଠାରେ ଆୟୋଜିତ ଏହି ଶିବିରକୁ ଇମ୍ଫାର ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ପଦାରବିନ୍ଦ ସାବତ ଓ ପଞ୍ଚାୟତ ସରପଞ୍ଚ ତପନ ନାୟକ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସୁକିନ୍ଦା ଡାକ୍ତରଖାନାର ଡାକ୍ତର ବିକାଶ ମୁଣ୍ଡୁରି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଇମ୍ଫା କମ୍ପାନୀ ପକ୍ଷରୁ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ସନ୍ଦୀପ ମିଶ୍ର , ମହାମୟ ପାଲ ପ୍ରମୁଖ ଉକ୍ତ ଶିବିରକୁ ପରିଚାଳନା କରିଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ୧୪୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସମସ୍ତଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା ।

## ନୋଡାଲ ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ବୈଠକ


ସ୍କୁଲ ପରିସରରେ ପରିଚାଳନା କମିଟି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

**ଦଶରଥପୁର, ୨୯।୩ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥିତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ସଭାପତିଙ୍କୁ ବିଦାୟ ଓ ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲିକ, ମୁଖ୍ୟବକ୍ତାଭାବେ ଜୟଚଣ୍ଡୀ ନୋଡାଲ କ୍ଲଷ୍ଟରର ସିଆରସିସି ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥି କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ମଙ୍ଗଳପୁର ପାକ୍ସ ସଭାପତି କେଶବ ସେଠୀ, ଶିକ୍ଷାବିତ୍ ପ୍ରତାପ କୁମାର ନାୟକ, ସାମାଜିକ କର୍ମୀ ଭିକାରି ଚରଣ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଜେନା, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ଅନ୍ତ୍ୟୋଦୟ ଗୃହ ଯୋଜନା-୨୦୨୫ର ଶୁଭାରମ୍ଭ

**୩୭୩ ଜଣଙ୍କୁ ମିଳିବ କାର୍ଯ୍ୟାଦେଶ**

**ରସୁଲପୁର, ୨୯।୩(ରଞ୍ଜିତ ରାଉତ):**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୪୨୦ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବା ପାଇଁ ଟାର୍ଗେଟ ଦିଆଯାଇଛି । ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ଲକରେ ଏହି ଯୋଜନା ଶୁଭାରମ୍ଭ କରାଯିବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ରସୁଲପୁର ବ୍ଲକରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବିଡିଓ ସତ୍ୟାନନ୍ଦ ଦାଶ ସୂଚନା ଦେଇଛନ୍ତି । ଏବେ ସୁଧା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରଥମ ପର୍ଯ୍ୟାୟରେ ୩୭୩ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ନେଇ ପ୍ରସ୍ତୁତି ଶେଷ ହୋଇଛି । ଆଉ କେତେକ ପଞ୍ଚାୟତର ବିଭିନ୍ନ ସମସ୍ୟା କାରଣରୁ ଅନ୍ତ୍ୟୋଦୟ ଆବାସକୁ ନେଇ ତଦନ୍ତ ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରିନାହିଁ । ସେ ସବୁ ପଞ୍ଚାୟତରେ ତଦନ୍ତ ପ୍ରକ୍ରିୟା ଶେଷ ହୋଇ ତଦନ୍ତ ଅଧିକାରୀମାନଙ୍କଠାରୁ ରିପୋର୍ଟ ହସ୍ତଗତ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯିବ । ବ୍ଲକ ପରିସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟାଦେଶ ବଣ୍ଟନ ମେଳାରେ ଯୋଗ୍ୟ ହିତାଧିକାରୀମାନେ ଯୋଗଦେଇ କାର୍ଯ୍ୟାଦେଶ ସହ ଘର ନିର୍ମାଣ କରିବା ବାବଦରେ ପ୍ରଥମ କିସ୍ତିର ଚେକ୍ ହାସଲ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ନିର୍ବାହୀ ଅଧିକାରୀମାନଙ୍କ ଜରିଆରେ ହିତାଧିକାରୀମାନଙ୍କୁ ଏ ନେଇ ଅବଗତ କରାଯାଇଛି ବୋଲି ବିଡିଓ ଦାଶଙ୍କ ସୂତ୍ରରୁ ସୂଚନା ମିଳିଛି ।

## ଇଜାପୁର ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

**ଝୁମ୍ପୁରୀ, ୨୯।୩(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ଇଜାପୁର ପଞ୍ଚାୟତସ୍ଥିତ ଇଜାପୁର ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରିଥିଲେ । ଶିକ୍ଷକ ବିଭୂତି ଭୂଷଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଦେବୀଲାଲ ସାହୁ, ସମ୍ମାନୀତ ଅତିଥି ଏବିଇଓ ସାବିତ୍ରୀ ସେଠୀ, ନୃସିଂହ ମହାନ୍ତି, ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ପୂର୍ବତନ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ବ୍ରଜକିଶୋର ବାରିକ, ରାଧାକାନ୍ତ ରାୟ, ସିଆରସିସି ବିଭୂତି ରଣା, ପୂର୍ବତନ ସିଆରସିସି କବିତା ପଣ୍ଡା, ପରିଚାଳନା କମିଟି ସଭାପତି ସୁନୀଲ କୁମାର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ୪୦ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବାରୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଜେନା ଅତିଥି ପରିଚୟ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ ଶୈଳୀରେ ଝୋଟି, ମୁରୁଜ ପକାଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଉର୍ଦ୍ଦୁ ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଞ୍ଜୀବ ସାହୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ କୁନି କୁନି ପିଲାମାନଙ୍କ ପାଇଁ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବିଞ୍ଝାରପୁର, ୨୯।୩(ରାମକୃଷ୍ଣ ଦାସ):**

ଯାଜପୁର ଜିଲା ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁରେଖା ନାୟକ ସଭାପତିତ୍ୱ କରି ବାଳିକାମାନେ ଅନ୍ୟ କାହାର ସାହାର୍ଯ୍ୟ ନ ନେଇ ନିଜ ସୁରକ୍ଷା ନିଜେ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ତାଲିମ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷିକା ରଶ୍ମିତା ମହାନ୍ତି, ଶୁଭଲକ୍ଷ୍ମୀ ଓଝା ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ନମିତା ମହାପାତ୍ର, ଅନ୍ୱେଷା ନାୟକ ଉପସ୍ଥିତ ଥିଲେ ।

## ପଥଚାରୀଙ୍କ ପାଇଁ ଖୋଲିଲା ଜଳଛତ୍ର

**ଦଶରଥପୁର, ୨୯।୩(ସୁଶାନ୍ତ ବେହୁରିଆ):**

ବିରଜାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାମବାଗ, ବଡ଼ ଆଦମପୁର, ଗୋପାଳବାଗ ଗ୍ରାମନିକଟ ରାସ୍ତା କଡରେ ପଥଚାରୀଙ୍କ ପାଇଁ ଏକ ଜଳଛତ୍ର ଖୋଲାଯାଇଛି । ଶନିବାର ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିରଜାପୁର ସରପଞ୍ଚ ନିରାକାର ସାହୁ, ଗ୍ରାମ ପଞ୍ଚାୟତ ଅଧିକାରୀ ଅଶୋକ କୁମାର ଭଦ୍ର, ସିଏଚ୍‌ଓ ରତ୍ନପ୍ରଭା ପରିଡ଼ା, ଆଶା ସବିତା ଜେନା, ୱାର୍ଡ ସଭ୍ୟ ସ୍ୱର୍ଣ୍ଣପ୍ରିୟା ଜେନା, ରାମଚନ୍ଦ୍ର ଜେନାଙ୍କ ସହିତ ଗୋପାଳବାଗ ଗ୍ରାମର ୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଗାଁ କଲ୍ୟାଣ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଜିଲା ସ୍କୁଲରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ପାରମ୍ପରିକ ଖେଳନା ଓ ସଂସ୍କୃତିର ପୁନରୁଦ୍ଧାର ଉଦ୍ୟମ**

**ଯାଜପୁର ଟାଉନ, ୨୯।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ସରକାରଙ୍କ ନିର୍ଦ୍ଦେଶାନୁସାରେ ଶନିବାର ଯାଜପୁର ଜିଲା ସ୍କୁଲ ପରିସରରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜହିରୁଦ୍ଦିନ୍ ଖାଁ ଅଧକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହଜିଯାଉଥିବା ଆମ ପାରମ୍ପରିକ ଖେଳନା ଓ ପୁରାତନ ସଂସ୍କୃତିର ପୁନରୁଦ୍ଧାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାରୂପେ ଅବସରପ୍ରାପ୍ତ ଶିକ୍ଷକ ମୋତିଉର ରହେମାନ୍ ଯୋଗଦେଇ ସଂସ୍କୃତି ଓ ଖେଳଣା ଆମ ଶିକ୍ଷାର ଦୁଇଟି ମୁଖ୍ୟ ଉପାଦାନ ବୋଲି ମତ ଦେଇଥିଲେ। ବରିଷ୍ଠ ଶିକ୍ଷକ ବାସୁଦେବ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରସଙ୍ଗ ଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ସିଆରସିଏସ୍ ସଫିଉଜ୍ ଜମାନ୍ ଉକ୍ତ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ସ୍ମୃତି ସମ୍ବନ୍ଧୀୟ ପ୍ରକଳ୍ପ ଗୁଡିକର ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ସୁଲୋଚନା ଦାସ, ମନୀଷା ପତି, ସବିତା ଧଳ, ଅନନ୍ୟା ମହାପାତ୍ର, ସ୍ମିତାରାଣୀ ରାଉତ, ସ୍ମୃତିସଙ୍ଗୀତ ବଳ, ନିବେଦିତା ସାମଲ ଓ ପୂର୍ଣ୍ଣିମା ପୃଷ୍ଟି ପ୍ରମୁଖ ମାର୍ଗଦର୍ଶନ କରିଥିବାବେଳେ ଖେଳନା ପ୍ରକଳ୍ପ ଗୁଡିକର ପ୍ରସ୍ତୁତିରେ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାନ୍ତି, ପ୍ରଭାସିନୀ ରାଉତ, ଗୀତାଞ୍ଜଳୀ ଜେନା, ଅଜିଜା ଖାତୁନ୍, ସଲୋନୀ ଅଗ୍ରୱାଲ, ରଶ୍ମିତା ଖିଲାର , ଭାନୁପ୍ରିୟା ସାହୁ, ଶିକ୍ଷକ ନିହାର ରଞ୍ଜନ କର ଓ ହମିଦ୍ ରାଜା ପ୍ରମୁଖ ସହାୟତା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ଧନ୍ୟବାଦ୍ ଅର୍ପଣ କରିଥିଲେ।



ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ ।


ଯାଜପୁର ଜିଲା ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି ।

## ଏପ୍ରିଲ ୩୦ ଯାଏ ବଢ଼ିଲା ଆବାସ ଯୋଜନା ଆବେଦନ ଅବଧି

**ରସୁଲପୁର, ୨୯।୩(ରଞ୍ଜିତ ରାଉତ):**

ଯାଜପୁର ଜିଲା ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ୨୦୧୧ ଜନଗଣନା ଅନୁସାରେ ପରିବାର ସଂଖ୍ୟା ୩୬ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ଏବେ ତାହା ୪୦ହଜାର ଟପିଛି । ଏହିକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଅଞ୍ଚଳରେ ପ୍ରାୟତଃ ୧୦ହଜାରରୁ ଊର୍ଦ୍ଧ୍ୱ ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିସାରିଛନ୍ତି । ଆବେଦନ ତାରିଖ ୩୧ମାର୍ଚ୍ଚ, ୨୦୨୫କୁ ଧାର୍ଯ୍ୟ କରାଯାଇଥିଲା । ଆଉ ମାତ୍ର ୨ଦିନ ପରେ ଆବେଦନ ପ୍ରକ୍ରିୟା ଶେଷ ହେବ ବୋଲି କୁହାଯାଉଥିଲା । ନିର୍ଦ୍ଧାରିତ ଅବଧି ମଧ୍ୟରେ ଆବେଦନ ପ୍ରକ୍ରିୟା ଶତପ୍ରତିଶତ ହୋଇପାରି ନ ଥିବା ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ହେଉଥିଲା । ଏହାକୁ ଦୃଷ୍ଟିରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଳାୟ ପକ୍ଷରୁ ଆବେଦନ ଅବଧିକୁ ୩୦ଦିନ ବଢାଇ ଦିଆଯାଇଛି । ଅର୍ଥାତ୍ ଏପ୍ରିଲ ୩୦ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି ।

ଆବାସ ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ୨୪ ଜାନୁଆରୀ ୨୦୨୫ରୁ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟା ୩୧ମାର୍ଚ୍ଚ ଯାଏ ଚାଲିବ ବୋଲି ଘୋଷଣା କରାଯାଇଥିଲା । ଏହି ଅବଧି ମଧ୍ୟରେ ଜଣେ ଆବେଦନକାରୀ ନିଜସ୍ୱ ଭାବେ ଓ ସହକାରୀ ସର୍ଭେୟରଙ୍କ ଜରିଆରେ ଆୱାସ ପ୍ଲସ-୨୦୨୪ ଆପ୍ ଜରିଆରେ ଆବେଦନ କରିବାକୁ କୁହାଯାଇଥିଲା । ପ୍ରତ୍ୟେକ ପଞ୍ଚାୟତରେ ୨ଜଣ ସହକାରୀ ସର୍ଭେୟରଙ୍କୁ ନିଯୁକ୍ତି ଦିଆଯାଇଥିଲା । ଅନ୍ତତ୍ୱୟ ଗୃହ ଯୋଜନା ସର୍ଭେ କାର୍ଯ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିଲା । ଏହି ସମୟରେ ସେମାନଙ୍କଠାରୁ ସହକାରୀ ସର୍ଭେୟର କ୍ଷମତାକୁ କାଢି ନିଆଯାଇଥିଲା । ବିଭିନ୍ନ କାରଣରୁ ନିଜସ୍ୱ ସର୍ଭେ ପ୍ରକ୍ରିୟା ସହଜ ହୋଇପାରି ନ ଥିଲା । ପ୍ରତ୍ୟେକ ଆବେଦନକାରୀଙ୍କୁ ଆବେଦନ ପାଇଁ ସହକାରୀ ସର୍ଭେୟରଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଏହି ସମୟରେ ପଞ୍ଚାୟତରେ ଜଣେ ମାତ୍ର ସର୍ଭେୟରଙ୍କୁ ଆବାସ ସର୍ଭେ କରିବାକୁ ପଡୁଥିଲା। ଏହାଛଡା ଅନଲାଇନ ସମସ୍ୟା, ସରକାରୀ ଛୁଟି ଦିବସ, ସର୍ଭେୟରମାନଙ୍କ ବ୍ୟକ୍ତଗତ ସମସ୍ୟାକୁ ନେଇ ସର୍ଭେର ସଫଳତା ଅତ୍ୟନ୍ତ ନୈରାଶ୍ୟଜନକ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ସର୍ଭେ ପ୍ରକ୍ରିୟାକୁ ଶତ ପ୍ରତିଶତ ହାସଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସର୍ଭେ ଅବଧିକୁ ଆଉ ୧ ମାସ ବଢାଇ ଦିଆଯାଇଛି । ସର୍ଭେ କାର୍ଯ୍ୟ ଶେଷ କରିବାକୁ ନେଇ ଚାପରେ ଥିବା ସର୍ଭେୟର, ପ୍ରଶାସନିକ ଅଧିକାରୀମାନେ ଏବେ ଚାପମୁକ୍ତ ହୋଇଯାଇଛନ୍ତି । ଆବେଦନକାରୀମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆଉ ୧ ମାସ ସମୟ ମିଳି ଯାଇଛି ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ମହିଳାଙ୍କ ପ୍ରତିବାଦ

ରାଜନଗର,୨୯।୩(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦଦୋକାନକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତିନିୟମକୁ ଉଲ୍ଲଂଘନକରି ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ମଦଦୋକାନ ଖୋଲାଯାଇଛି। ଅଞ୍ଚଳବାସୀ ଓ ମହିଳାମାନେ ବାରମ୍ବାର କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ଜଣାଇଲା ପରେ ବି ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନେଉନାହିଁ। ଏହାର ପ୍ରତିବାଦରେ ଶନିବାର ମହିଳାମାନେ ମଦ ଦୋକାନକୁ ୭ ଦିନ ମଧ୍ୟରେ ଉଚ୍ଛେଦ ନ କଲେ ଅନଶନରେ ବସିବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ହଂସିଣା ଫେରିଘାଟ ନିକଟରେ ଥିବା ବିଦେଶୀ ମଦ ଦୋକାନ ପାଖରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜାମୁଥିବା ଅଭିଯୋଗ ହୋଇଛି। ଏହା ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ୍ୟ ବେଆଇନ ଭାବେ ମଦ ଦୋକାନ ସମ୍ମୁଖ ଓପନ ବାରରେ ପରିଣତ ହୋଇଛି। ଏହି ମଦଦୋକାନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି।

ଅଭିଯୋଗ ମୁତବକ, ଏହି ଠିପି ବନ୍ଦ ମଦ



ମଦ ଦୋକାନ ବନ୍ଦ ଦାବିରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

## ହଂସିଣା ଫେରିଘାଟ ନିକଟରେ ଚାଲିଛି ମଦଦୋକାନ

ଦୋକାନ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତିଦିନ ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଉକ୍ତ ମଦ ଦୋକାନ ପାଇଁ ଅନେକ ଘଟଣା ଓ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଘଟୁଛି। ପ୍ରତ୍ୟେକଦିନ ଏହି ମଦ ଦୋକାନ ବାଟ ଦେଇ ପାଠ ପଢ଼ିବାକୁ ଯାଉଥିବା ଛାତ୍ରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ଖରାପ ବ୍ୟବହାର ମଧ୍ୟ କରାଯାଉଛି। ଏହାଦ୍ୱାରା ଛାତ୍ରୀମାନେ ପାଠ ପଢ଼ିବାକୁ ସେହି ବାଟ ଦେଇ ଯିବାକୁ ଅସୁରକ୍ଷିତ ମନେକରୁଛନ୍ତି। ଫଳରେ ଉଭୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଗଲାଣି। ମଦଦୋକାନ ପାଇଁ ପବିତ୍ର ଶିକ୍ଷା ପରିବେଶ ଓ ଧାର୍ମିକ ପରିବେଶ ନଷ୍ଟ ହେଉଛି। ତେଣୁ ମଦଦୋକାନ ବନ୍ଦ କରିବା ପାଇଁ ପୂର୍ବରୁ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବାରମ୍ବାର କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ମଦଦୋକାନକୁ ବନ୍ଦ କରିବାକୁ ମୀନା ରାଉତ, ବାନାମ୍ବର ଗାଉତ, ରଶ୍ମିରଞ୍ଜନ ରାଇତ, ମନୋରମା ନାୟକ, ପ୍ରଭାତୀ ନାୟକ, ସୁମିତ୍ରା ରାଉତ, ସାବିତ୍ରୀ ପ୍ରଧାନ, ମଞ୍ଜୁଲତା ରାଉଳ, ବାସନ୍ତୀ ରାଉତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

# ୫ରେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

କେନ୍ଦ୍ରାପଡ଼ା,୨୯।୩(ଜଗନ୍ନାଥ ଧଳ)

ରାଜ୍ୟରେ ଭାଜପା ସରକାର ଆସିବା ପରେ କେନ୍ଦ୍ରାପଡ଼ା ବିଜେଡି ରାଜନୀତି ଉପରେ ପ୍ରଥମ ପ୍ରହାର ପଡ଼ିଛି। ଆସନ୍ତା ଏପ୍ରିଲ ୫ରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିପକ୍ଷରେ ଅନାସ୍ଥା ଭୋଟ ହେବ ବୋଲି ଉପଜିଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଗତ ୨୧ ତାରିଖରେ ଅଧ୍ୟକ୍ଷା ରାଉତ ଉନ୍ନୟନ କାର୍ଯ୍ୟରେ ମନମାନି କରୁଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକପ୍ରତିନିଧିମାନେ ଉପଜିଲାପାଳଙ୍କୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ସୁପାରିସ କରିଥିଲେ। ମୋଟ ୪୨ ଜଣ ଲୋକପ୍ରତିନିଧିଙ୍କ ଦସ୍ତଖତକୁ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଯାଞ୍ଚ କରାଯାଇଛି। ଯାଞ୍ଚ ପରେ ଅନାସ୍ଥା ଭୋଟ ଆଗତ ହେବ ବୋଲି ସ୍ଥିର ହୋଇଛି। ଅନାସ୍ଥା ସପକ୍ଷରେ ମଙ୍ଗଳପୁର ସମିତି ସଭ୍ୟ ରଞ୍ଜନ


ବ୍ଲକ ଅଧକ୍ଷା କଳ୍ପନା ରାଉତ।

ଚୌଧୁରୀ, ତିଖିରୀ ସରପଞ୍ଚ ଚାମେଲି ଓଝା, ବତିଘର ସମିତି ସଭ୍ୟ କ୍ରୀଷ୍ଟପଦ ମଣ୍ଡଳ ପ୍ରମୁଖ କହିଛନ୍ତି, ଦୀର୍ଘଦିନ ଧରି ବ୍ଲକ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବନ୍ଦ ପଡିଛି। ଗ୍ରାମାଞ୍ଚଳ ବିକାଶ ପାଇଁ କୌଣସି ଯୋଜନା ଫଳବତୀ ହୋଇପାରୁନାହିଁ। ଉନ୍ନୟନ କାର୍ଯ୍ୟକୁ ନେଇ ଲୋକପ୍ରତିନିଧିମାନେ ଅଞ୍ଚଳବାସୀଙ୍କୁ ଉତ୍ତର ଦେଇପାରୁନାହାନ୍ତି। ଏସବୁର ମୂଳ କାରଣ ବ୍ଲକ ଅଧକ୍ଷା କଳ୍ପନା ରାଉତ। ବ୍ଲକ ଅଧକ୍ଷା ରାଉତ ଦୀର୍ଘଦିନ ଧରି ମନମାନି ଭାବେ କାମ କରୁଛନ୍ତି। ଏଥିପାଇଁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବା ସେମାନେ କହିଛନ୍ତି। ଉପଜିଲାପାଳ ନାୟକ କହିଛନ୍ତି, ଲୋକପ୍ରତିନିଧିଙ୍କ ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ସରିଛି। ଆସନ୍ତା ୫ତାରିଖରେ ଏ ନେଇ ବ୍ଲକ ସଭାଗୃହରେ ଭୋଟ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାର ୯ ବ୍ଲକରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ଅଧକ୍ଷା ଅଧକ୍ଷ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ମହାକାଳପଡ଼ା ବିଧାୟକ ପଦ ଭାଜପାକୁ ଯାଇଥିବା ବେଳେ ଏଠାରେ ଅଧକ୍ଷା ବଦଳ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେଉଥିଲା।

## ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନ ନିର୍ବାଚନ: ସଭାପତି ହେଲେ ସୂର୍ଯ୍ୟରଞ୍ଜନ

ପଟ୍ଟାମୁଣ୍ଡାଇ, ୨୯।୩ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ସଭାପତି ଭାବେ ସୂର୍ଯ୍ୟରଞ୍ଜନ ରାଉଳ ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ଆଇନଜୀବୀ ଭୀମସେନ ପ୍ରଧାନ ସୂଚନା ଦେଇଛନ୍ତି, ସଭାପତି ରାଉଳ ୬୫ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ୪୯ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ଉପସଭାପତି ପଦରେ ସୁରେଶ ନରେନ୍ଦ୍ର, ସମ୍ପାଦକରେ ରବୀନ୍ଦ୍ର କୁମାର ଦାଶ, ସହସମ୍ପାଦକ ମନୋଜ କୁମାର ନାୟକ, କୋଷାଧକ୍ଷରେ ପ୍ରମୋଦ ବିଶ୍ୱାଳ ଓ ଲାଇବ୍ରେରୀ ସମ୍ପାଦକ ପଦରେ ପ୍ରକାଶ ପାତ୍ର ଜିତିଛନ୍ତି।

# ସମାଜ ଗଠନରେ ଛାତ୍ରୀଛାତ୍ର, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଡେରାବିଶ,୨୯।୩ (ବେବର୍ତ୍ତା ଅଜୟ ଦାସ)

ସମାଜ ଗଠନରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରି ସେମାନେ ନିଜକୁ କିପରି ଭଲ ମଣିଷ ଭାବେ ଗଢ଼ି ପାରିବେ ସେନେଇ ଶିକ୍ଷକମାନେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବା ଦରକାର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲାପାଳ ନିଲୁ ମାହାପାତ୍ର ମୁଖ୍ୟ ଅତିଥି, ପ୍ରଧାପିକା ଅପର୍ଣ୍ଣା ମହାନ୍ତି ମୁଖ୍ୟବକ୍ତା,



ପୁରସ୍କାର ବିତରଣ ଉତ୍ସବ ଯୋଗ ଦେଇଥିବା ଅତିଥି।

ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାପକ ଅଜୟ କୁମାର ରାଉତ, ବିଇଓ ଶ୍ରୀକାନ୍ତ ବେହେରା, ମହାକାଳପଡ଼ା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇଥିଲେ। ସାମାଜିକ କର୍ମୀ ଦେବାଶିଷ ଗିରିଜା ଭୂଷଣ ନାୟକ, ଆଇନଜୀବୀ ଦୀପକ କୁମାର ସାହୁ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ କୁମାର ପରିଡା, ସ୍ଥାନୀୟ ସରପଞ୍ଚ ଅରକ୍ଷିତ କାଣ୍ଡି ଓ ସମିତିସଭ୍ୟ ଫନିନ୍ଦ୍ର ବେହେରା ଅତିଥି ଭାବେ ଏହି ଉତ୍ସବରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ଶିକ୍ଷକ ସଞ୍ଜୟ କୁମାର ପୃଷ୍ଟି ବାର୍ଷୀକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରୋଜାଲିନୀ ସାମନ୍ତରାୟଙ୍କ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ସୀମାରାଣୀ ନାୟକ, ସୁଶ୍ରୀ ସଙ୍ଗୀତା ଜେନା, ମୌସୁମୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦେବେନ୍ଦ୍ରଙ୍କ ଲଢୁଆ ମନୋଭାବ ସବୁଦିନ ମନେରହିବ

ରାଜକନିକା,୨୯।୩(ସଞ୍ଜୟ କୁମାର ଦାଶ)

ଆଳି, କନିକାର ସୁଖ ଦୁଃଖର ସାଥୀ, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକରେ ଶୁକ୍ରବାର କଣ୍ଡିଆହାଟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦୁର୍ଯୋଧନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେବେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନୀରବ ପ୍ରାର୍ଥନା, ବେଦପାଠ ପରେ ସ୍ମୃତିଚାରଣ କରାଯାଇଥିଲା। ପୂର୍ବତନ ବିଧାୟକଙ୍କ ସାମଗ୍ରିକ ଭାବେ ଆଞ୍ଚଳିକ ଉନ୍ନତି, ଲଢୁଆ ମନୋଭାବ ଆଦି ବିଶେଷ ଅତି ମାନବୀୟ ନେତୃତ୍ୱର ଗୁଣ ସ୍ମରଣ କରି ଜିଲାରେ ଜଣେ ଯୋଗଜନ୍ମା ନେତାଙ୍କ ବିୟୋଗରେ ବିଭିନ୍ନ ବ୍ୟକ୍ତା ଭିନ୍ନ ଭିନ୍ନ ମତପୋଷଣ କରିଥିଲେ। ଏହି ସଭାରେ ପିସିସି ସଦସ୍ୟ ବାବୁରାମ ଜେନା, ଜୋନ କଂଗ୍ରେସ ସଭାପତି ଅଜୟ ଦାସ, କମ୍ୟୁନିଷ୍ଟ ନେତା ସୁଧୀର ମହାନ୍ତି, ବିଧାନ ଦାସ, ପୂର୍ବତନ କଂଗ୍ରେସ ସଭାପତି ଶ୍ରୀନିବାସ ପ୍ରଧାନ, ମୁରଲୀଧର ନାୟକ, ବିଦ୍ୟାଧର ବରଜ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମୁରଲୀଧର ବେହେରା, ସନ୍ତୋଷ ମଲିକ, ସମିତି ସଭ୍ୟ ଶରତ ରାଉତ, ସରପଞ୍ଚ ସିତାରାଣୀ ଦାସ, ଧୀରେନ ଜେନା, ସସ୍ମିତା ନାୟକ, ପରୀକ୍ଷିତ ପଡିହାରୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ବସନ୍ତ ସଭାପତି, ଅକ୍ଷୟ ସମ୍ପାଦକ

## ଆଳି ବାର୍ ଆସୋସିଏଶନ ନିର୍ବାଚନ

ଆଳି,୨୯।୩(ବନମାଳୀ ସେନାପତି)

ଆଳି ବାର ଆସୋସିଏଶନର ନିର୍ବାଚନ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସଭାପତି ଭାବେ ବସନ୍ତ କୁମାର ନାୟକ, ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ଓ ସହ ସମ୍ପାଦକ ଭାବେ ପ୍ରତିଭା ପାତ୍ର ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀରେ ବସନ୍ତ ୪୩ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ମୃତ୍ୟୁଞ୍ଜୟ ୨୨ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ପଦବୀରେ ନିର୍ବାଚନ ଲଢୁଥିବା ଅକ୍ଷୟ ୪୯ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ଅଜୟ ସେଠୀ ୧୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ଉପସଭାପତି ପଦବୀ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରତିଭା ୪୩ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ପଦ୍ମିନୀ ୨୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସହସମ୍ପାଦକ ସୂର୍ଯ୍ୟମଣି ସାମଲ, ଯୁଗ୍ମ



ବସନ୍ତ କୁମାର ନାୟକ ଅକ୍ଷୟ କୁମାର ମଲ୍ଲିକ

ସମ୍ପାଦକ ଅଣାକର ବାରିକ, ପାଠାଗାର ସମ୍ପାଦକ ପ୍ରଦୀପ କୁମାର ଦାଶ, ପରିଚାଳନା ପରିଷଦ ସଦସ୍ୟ ଭାବେ ଭିକାରୀ ଚରଣ ସାମଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ଓ ସହଯୋଗୀ ଆଇନଜୀବୀ ରାଧାକାନ୍ତ ବିଶ୍ୱାଳ ଘୋଷଣା କରିଛନ୍ତି। ବାର ଆସୋସିଏଶନର ସମସ୍ତ ସୁବିଧା ଅସୁବିଧା, ସରକାରୀ ବ୍ୟବସ୍ଥା କିପରି କର୍ମକର୍ତ୍ତାଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି।

# କେନ୍ଦ୍ରାପଡ଼ା ବାର୍ ଆସୋସିଏଶନ ସଭାପତି ହେଲେ ଗୋବର୍ଦ୍ଧନ

କେନ୍ଦ୍ରାପଡ଼ା, ୨୯।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ବାର ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ନିର୍ବାଚନରେ ସଭାପତି ଭାବେ ଗୋବର୍ଦ୍ଧନ ରାଉତ ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ପତ୍ରୀ ସୂଚନା ଦେଇଛନ୍ତି। ସଭାପତି ରାଉଳ ୨୮୦ ଖଣ୍ଡ ଭୋଟ ପାଇଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱି ରବିନାରାୟଣ ମହାନ୍ତି ୨୨୫ ଖଣ୍ଡ ଭୋଟ ପାଇଛନ୍ତି। ଏଥିସହ ଉପସଭାପତି ଭାବେ ହାଡିବନ୍ଧୁ ସିଂହ, ସମ୍ପାଦକ ନୃସିଂହ ଚରଣ ରାଉତ, କୋଷାଧକ୍ଷ ପଦ ନିର୍ବାଚନରେ ବିଭୂତି ଭୂଷଣ କର ଜିତିଛନ୍ତି। ଏଥିସହିତ ଏହି ନିର୍ବାଚନରେ ଯୁଗ୍ମ ସମ୍ପାଦକ ଭାବେ ବିନୋଦ କୁମାର ବେହେରା, ଅତିରିକ୍ତ ଯୁଗ୍ମ ସମ୍ପାଦକ


ଗୋବର୍ଦ୍ଧନ ରାଉତ।

ମମତାମୟୀ ସାମଲ, ପରିଚାଳନା ପରିଷଦର ପୁରୁଷ ପ୍ରତିନିଧି ହରି ପ୍ରସାଦ କର ଓ ମହିଳା ପ୍ରତିନିଧି ରେଣୁବାଳା ସାମଲ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଥିବା ନିର୍ବାଚନ ପରିଚାଳନା ଅଧିକାରୀ ପତ୍ରୀ କହିଛନ୍ତି।

# ଅବସର କର୍ମଚାରୀ ସମାଜର ସକାରାତ୍ମକ ଦିଗକୁ ଗୁରୁତ୍ୱ ଦିଅ

କେନ୍ଦ୍ରାପଡ଼ା,୨୯।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଗୋପଠାରେ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଡ. ଉପେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ପୌରାଧକ୍ଷା ସରିତା ସାହୁ, ଶିକ୍ଷାବିତ୍ ଅଜୟ ସାମଲ, ଏସ୍‌ବିଆଇର ଶାଖା ପରିଚାଳକ ବିଶ୍ୱଜିତ ରାଉତରାୟ, ବନ୍ଧନ ବ୍ୟାଙ୍କ ଶାଖା ପରିଚାଳକ ଅଶ୍ୱିନୀ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବସର ପରେ କର୍ମଚାରୀଙ୍କ ସମାଜ ପ୍ରତି ସକାରାତ୍ମକ

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଦିଗକୁ ଏଠାରେ ଆଲୋଚନା କରିଥିଲେ। ସମ୍ପାଦକ କରୁଣାକର ଦାସ, ସଙ୍ଗଠନ ସମ୍ପାଦକ ବୈଷ୍ଣବ ସ୍ୱାଇଁ ସମ୍ମିଳନୀର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ମିଳନୀରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଶିକ୍ଷାବିତ୍ ଦିଲୀପ କୁମାର ମିଶ୍ର, ନୃସିଂହ ଚରଣ ତ୍ରିପାଠୀଙ୍କ ସମେତ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

# ୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

## ବଗପାଟିଆରେ ଥଇଥାନରୁ ୪୦ ଦଳିତ ପରିବାର ବଞ୍ଚିତ

ରାଜନଗର,୨୯।୩(ଭାସ୍କର ରାଉତରାୟ)

ବଙ୍ଗୋପସାଗର ଆଁରେ ଥିବା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍‌ର ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ଏଥିରେ ୪୦ ଦଳିତ ପରିବାର ବଞ୍ଚିତ ହୋଇଥିବାରୁ ଏପ୍ରିଲ ୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୨୦୧୮ରେ ସାତଭାୟାର ୫୭୧ ପରିବାରକୁ ଥଇଥାନ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଚାରିଘାରିଆର ୯୯ ପରିବାର ସହ ୧୪୮ପରିବାରକୁ ଜାଗା ଚିହ୍ନଟ ଦିଆଯାଇଛି। ଏହାବାଦେ ଆହୁରି ୨୩୫ ପରିବାର ଥାଇଥାନରୁ ବଞ୍ଚିତ ଥିବା ଅଭିଯୋଗ ହୋଇଥିଲା। ଉକ୍ତ ୨୩୫ ପରିବାର ମଧ୍ୟରେ ବାଉଁଶଗଡ ନଦୀ ସେପଟେ ଥିବା ମଗରକନ୍ଦା ଗାଁର ୪୦ ଦଳିତ ପରିବାର ରହିଛନ୍ତି। ଏହି ପରିବାର ଦୀର୍ଘବର୍ଷ ହେଲା ଥଇଥାନ ପାଇଁ ପ୍ରଶାସନ ନିକଟକୁ ଦୌଡିବା ସହିତ ଅନଶନରେ ବସିଥିଲେ ମଧ୍ୟ ଆଜିଯାଏ ସେମାନଙ୍କୁ ଥଇଥାନ କରାଯାଇନାହିଁ। ଏ ନେଇ ୪୦ ଦଳିତ ପରିବାର ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ମାତ୍ର ଜଏଣ୍ଟ ଭେରିଫିକେଶନ କମିଟି ଭୁଲ୍ ତଥ୍ୟ ପ୍ରଦାନ କରିଥିବାରୁ ଠିକ୍ ତଥ୍ୟ ପ୍ରଦାନ ସହ ୪୦ ପରିବାରକୁ ଥଇଥାନ କରିବା ଦାବିରେ ଏପ୍ରିଲ ୩ଠାରୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଦଳିତ ଅନୁସୂଚିତ ସଙ୍ଗଠନର ସଭାନେତ୍ରୀ ସସ୍ମିତା ମଳିକ, ଥଇଥାନ ଓ ପୁନର୍ବସତି ମଞ୍ଚ, ସାତଭାୟାର ଆବାହକ ଡ. ଧରଣୀଧର ରାଉତ ଲିଖିତ ଭାବେ ଜଣାଇଛନ୍ତି।

## ଆଇନଜୀବୀ ପ୍ରଭାତ ବେହେରାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨୯।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବାର ଆସୋସିଏଶନ ସଦସ୍ୟ ଆଇନଜୀବୀ ପ୍ରଭାତ ବେହେରାଙ୍କ ଶନିବାର ପରଲୋକ ହୋଇଛି। ସେ ଦିର୍ଘଦିନ ଧରି ବୃକକ୍ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବାର ଆସୋସିଏଶନ ନବ ନିର୍ବାଚିତ ସଭାପତି ସୂର୍ଯ୍ୟରଞ୍ଜନ ରାଉଳଙ୍କ ସମେତ ସ୍ଥାନୀୟ ଆଇନଜୀବୀମାନେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।



# ଶିକ୍ଷା ବିଭାଗ ପକ୍ଷରୁ ଇକୋ କ୍ଲବ୍ ପ୍ରଦର୍ଶନୀ


କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ରାଜନଗର,୨୯।୩(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍ ସ୍ତରୀୟ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଇକୋ କ୍ଲବ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପ୍ରଦର୍ଶନୀ କରାଯାଇଥିଲା। ୧୮ଟି କ୍ଲଷ୍ଟରରୁ ୩୭ଜଣ ପିଲା ଏଥିରେ ଅଂଶଗ୍ରହଣ କରିବା ସହ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପଗୁଡିକ ମଧ୍ୟରେ ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ କମାଇବା, ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ସହ ପ୍ରକୃତିର ସୁରକ୍ଷା କ୍ଷେତ୍ରରେ ମଣିଷଙ୍କ କର୍ତ୍ତବ୍ୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏଥିରୁ ୭ଟି ପ୍ରକଳ୍ପ ଜିଲାସ୍ତରୀୟ ଇକୋ କ୍ଲବ୍ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଇଓ ମନୋରଞ୍ଜନ ସେଠୀ, ଏବିଇଓ ଚିତ୍ତରଞ୍ଜନ ଜେନା, ବିଆରସିସି ଭକ୍ତିଲତା ବାରିକ ପ୍ରମୁଖ ଯୋଗଦେଇ ୭ଜଣଙ୍କ ମଧ୍ୟରେ ଅଧିକ ନମ୍ବର ରଖିଥିବା ୩ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ପରିଚାଳନା କରିଥିଲେ।

# ସମବାୟ, ଚାଷୀ ଗୋଟିଏ ମୁଦ୍ରାର ୨ପାର୍ଶ୍ୱ

- ସାଧାରଣ ସଭା, ଅନ୍ତର୍ଜାତୀୟ ସମବାୟ ବର୍ଷ
- ୪ ସଫଳ ଚାଷୀ ସମ୍ବର୍ଦ୍ଧିତ

ମହାକାଳପଡ଼ା,୨୯।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମୁଦ୍ରାର ୨ ପାର୍ଶ୍ୱ ଭଳି ସମବାୟ ସହିତ ଚାଷୀ ପରିପୂରକ ଭାବେ ଜଡିତ। ସମବାୟ କ୍ଷେତ୍ରରେ ଅଗ୍ରଗତି ନେଇ କୃଷକମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗ୍ରାମାଞ୍ଚଳରେ କୃଷି ଓ କୃଷକର ବିକାଶ ପାଇଁ ସମବାୟ ସମିତି, ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ଚାଷୀମାନେ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନକରି ବିକ୍ରି ବଟାକରି ବେଶ୍ ଲାଭବାନ ହେଉଛନ୍ତି ବୋଲି ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତ ଅଧୀନ କରମକୂଳ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ



କରମକୂଳ ସମବାୟ ସମିତି ପକ୍ଷରୁ ସାଧାରଣ ସଭାରେ ଉପସ୍ଥିତ ଅତିଥି।

ଏକ ସାଧାରଣ ସଭା ଓ ଆନ୍ତର୍ଜାତିକ ସମବାୟ ବର୍ଷରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏଥିରେ ସମିତି ସଭାପତି ଗଗନ ବିହାରୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲା ସହକାରୀ ସମବାୟ ନିବନ୍ଧକ ଯୋଗେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ସମବାୟ ସହ ଚାଷୀମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିବା ଆବଶ୍ୟକ। ଚାଷୀ ହାତ ପାହାନ୍ତରେ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଖରିଫ ଧାନ ଦେଇ ଅତିରିକ୍ତ ଆର୍ଥିକ ସହାୟତାର ଲାଭ ପାଉଛନ୍ତି। ଫଳରେ ଚାଷୀମାନଙ୍କ ମଧ୍ୟରେ ଚାଷ କରିବାକୁ ଆଗ୍ରହ ପ୍ରକାଶ ପାଇବ। ଦିନ ଥିଲା ଚାଷୀମାନେ ବହୁ ଉତ୍ପାଦିତ ଫସଲ ଅଭାବୀ ବିକ୍ରିକରି କ୍ଷତିଗ୍ରସ୍ତ ହେଉଥିଲେ। ଏବେ ସମୟ ବଦଳିବା ସାଙ୍ଗକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମିତି ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଫଳରେ ଚାଷୀମାନେ ଋଣ ନେଇ ଖରିଫ ଓ ରବି ଫସଲ ଉତ୍ପାଦନକରି ବେଶ୍ ଦୁଇପଇସା ରୋଜଗାରକରି ନିଜର ଆର୍ଥିକ ଅବସ୍ଥା ସୁଧାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡ଼ା ସମବାୟ ବ୍ୟାଙ୍କ ପରିଚାଳକ ଅକ୍ଷୟ କୁମାର ଦାସ, ବ୍ଲକ୍ ସମବାୟ ଅଧିକାରୀ ଅତିସ୍ କୁମାର ଲେଙ୍କା ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାର ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତି ବୋର୍ଡ ନିର୍ଦ୍ଦେଶକ ସଞ୍ଜୟ ସାହୁ, ପ୍ରତାପ ମହାପାତ୍ର, ଅଜୟ ରାଉତ, ରଶ୍ମିରଞ୍ଜନ ସାମନ୍ତରାୟ, ଦେବେନ୍ଦ୍ର ବେଉରା, ପବିତ୍ର ସାମନ୍ତରାୟ, ସୁଶାନ୍ତ ସାହୁଙ୍କ ସମେତ ବହୁସଂଖ୍ୟାରେ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ୪ଜଣ ସଫଳ ଚାଷୀ ଓ ବିଲ ମହାଦେବ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସମ୍ପାଦକ ବସନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତି କର୍ମଚାରୀମାନେ ସହଯୋଗ କରିଥିଲେ।

**ନିଆଁଲାଗି ଜଳିଗଲା ୩ ବଖରା**

**ଦଶପଲ୍ଲା,(ପ୍ରକାଶ କୁମାର ପାଣି):** ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ନୂଆଗାଁ ପଞ୍ଚାୟତ ଦଦରା ଗ୍ରାମର ଉଜ୍ଜ୍ୱଳସାହିରେ ଅଗ୍ନିକାଣ୍ଡରେ ୨ ପରିବାରର ୩ ବଖରା ପୋଡିଯାଇଛି। ସାହିର ପୂର୍ଣ୍ଣ ଭୋଇ ଓ ରଞ୍ଜନ ଭୋଇଙ୍କ ଘର ଜଳିଯାଇଛି। ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ଏବଂ ସୁଭଦ୍ରା ଟଙ୍କା ଉଠେଇ କି ଆଣି ରଖିଥିଲେ ତାହା ମଧ ପୋଡ଼ି ଯାଇଛି। ଦଶପଲ୍ଲାରୁ ଦମକଳ ପହଞ୍ଚିଲା ବେଳକୁ ସବୁ ପୋଡ଼ି ନଷ୍ଟ ହୋଇଯାଇଥିଲା। ଆଦିବାସୀ ବହୁଳ ଅଞ୍ଚଳରେ ଦମକଳ କେନ୍ଦ୍ର ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ତେଣୁ ଆଦିବାସୀ ବହୁଳ ଅଞ୍ଚଳର କେନ୍ଦ୍ରସ୍ଥଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଦାବି ଜଣାଇଛନ୍ତି।

# ଧାନ ବିକ୍ରି ପାରିଲେନି ଚାଷୀ

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଧାନକିଣା ମାର୍ଚ୍ଚ ୩୧ରେ ଶେଷ ହେବ। ତେବେ ଟୋକନ ସମସ୍ୟା ଯୋଗୁ ଜିଲାର ଚାଷୀ ଧାନ ବିକ୍ରି କରି ପାରି ନ ଥିବା ଅଭିଯୋଗ ଉଠିଛି। ପୁରଣା ଟୋକନ ଲାପସ୍ ହେବା ପରେ ନୂଆ ଟୋକନ ନ ମିଳିବାରୁ ଚାଷୀ ହଇରାଣ ହୋଇଛନ୍ତି। ଅନ୍ୟପକ୍ଷେ କଟନୀ ଛଟନୀକୁ ରୋକାଯାଇପାରିନି। କେବଳ ଭାଷଣବାଜିରେ ଅଟକି ଗଲା କଟନୀ ଛଟନୀ ରୋକିବାର ପଦକ୍ଷେପ। ଚଳିତ ବର୍ଷ ୮ରୁ ୧୫ କିଲୋ କଟନୀ ଛଟନୀ କୁଇଣ୍ଟାଲ ପିଛା ହୋଇଥିବା ଅଭିଯୋଗ ରହିଛି।

ଚଳିତବର୍ଷ ଭଲ ଧାନ ଫସଲ ହୋଇଥିଲା। ଧାନ ଅମଳ ସମୟରେ ବର୍ଷା ଯୋଗୁ ଚାଷୀଙ୍କ ଧାନ ଗଜା ହେବା ସହ ପଚିଗଲା। ତେବେ କିଛି ଚାଷୀ ବର୍ଷା ପୂର୍ବରୁ ଧାନ ଅମଳ କରି ସାରିଥିଲେ। ଆଉ ଅଧିକାଂଶ ଚାଷୀ ବର୍ଷା ପରେ ଧାନ ଅମଳ କଲେ। ପାକ୍ସରେ ସରକାର ଧାନ କିଣାରେ ବିଳମ୍ବ କଲେ। ଜାନୁଆରୀ ୭ରେ ଜିଲାସ୍ତରରେ ଧାନ କିଣା ଆରମ୍ଭ ହେବା କଥା ହେଲେ ଫେବୃଆରୀ ୧୫ ସୁଦ୍ଧା ଧାନକିଣାରେ ତ୍ୱରାନ୍ୱିତ ଆସି ନ ଥିଲା। ଚାଷୀଙ୍କ ଧାନ ନଷ୍ଟ ହୋଇଯାଇଛି ଦର୍ଶାଇ ସବୁ ପାକ୍ସରେ କଟନୀ ଛଟନୀ ଚାଲିଥିଲା। କଟନୀ ଛଟନୀକୁ ରୋକିବାକୁ ସରକାର କଡ଼ା ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ହେଲେ ସୁଫଳ ମିଳିଲାନାହିଁ। ଚଳିତବର୍ଷ ୧୭ ଲକ୍ଷ ୩୦ ହଜାର ୩୩୫ କୁଇଣ୍ଟାଲ ଧାନ କିଣିବାର ଟାର୍ଗେଟ ମିଳିଥିବାବେଳେ ୧୬ ଲକ୍ଷ ୯୩ ହଜାର ୨୪୮ କୁଇଣ୍ଟାଲ ଧାନ ଶନିବାର ସୁଦ୍ଧା କିଣା ହୋଇଛି। ୩୦ ତାରିଖ ରବିବାର ଓ ସୋମବାର ଇଦଲୁଫିତର ଯୋଗୁ ଛୁଟି ରହିଥିବା ହେତୁ ଶନିବାର ଧାନକିଣା ଶେଷ ହେଉଥିବା ଧରାଯାଇଛି। ଚଳିତବର୍ଷ ୫୧ ହଜାର ୬ଜଣ ଚାଷୀଙ୍କ ଆକାଉଣ୍ଟକୁ ୩୮୪ କୋଟି ୭୦ ଲକ୍ଷ ୪୩

- ଟୋକନ ଲାପସ୍ ପରେ ନୂଆ ଟୋକନ ଆସିଲାନି
- ମାର୍ଚ୍ଚ ୩୧ରେ ଧାନ କିଣା ଶେଷ ହେବ
- ରୋକାଯାଇ ପାରିଲାନି କଟନୀ ଛଟନୀ

ହଜାର ୮୯୪ ଟଙ୍କା ଧାନ ବିକ୍ରି ବାବଦକୁ ଆସିଛି। ୧୫ଜଣ ମିଲର ଧାନ କିଣାରେ ନିୟୋଜିତ ହୋଇଥଲେ। ଧାନ ବିକ୍ରି ପାଇଁ ୫୩, ୮୩୯ ଚାଷୀ ନାଁ ପଞ୍ଜୀକୃତ କରିଥିବାବେଳେ ୫୩ ହଜାର ୮୦୪ ଜଣ ଚାଷୀ ଧାନ ବିକ୍ରି କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିରୁ ୫୩ ହଜାର ୬୮୦ଚାଷୀ ଧାନ ବିକ୍ରି କରିଥିବା ଯୋଗାଣ ବିଭାଗରୁ ଜଣାପଡିଛି। ସରକାରୀ କାଗଜପତ୍ରରେ ଏକ ପ୍ରକାରର ଧାନ କିଣା ଶେଷ ହୋଇଯାଇଛି। ଅଧିକାଂଶ ପାକ୍ସ ଆଉ ଖୋଲା ଯାଉନି। ଏଭଳିସ୍ଥଳେ ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ସେମାନେ କ'ଣ କରିବେ ବୋଲି ପ୍ରଶ୍ନ ଉଠିଛି।

ଜଗନ୍ନାଥପ୍ରସାଦ ପାକ୍ସର ସୂର୍ଯ୍ୟମଣି ଜେନା, ଭାସ୍କର ଚରଣ ଜେନା ଓ ଗୋବିନ୍ଦ ପ୍ରଧାନ କୁହନ୍ତି ଟୋକନ ଲାପସ ପରେ ନୂଆ ଟୋକନ ମିଳିଲାନି। ଏଣୁ ଧାନ ଏଯାବତ ବିକ୍ରି କରି ପାରିଲୁନି। ସେହିଭଳି ଜଗନ୍ନାଥପ୍ରସାଦ ମଣ୍ଡି ଜଗନ୍ନାଥପ୍ରସାଦର ଅପର୍ତ୍ତି ପ୍ରଧାନ, କାଦୁଆ ଗାଁର ମାନସ ରଞ୍ଜନ ପ୍ରହରାଜ, କାଳିଆ ପଣ୍ଡା, ଉଦ୍ୟନାଥ ପ୍ରଧାନ କୁହନ୍ତି, ଆମ ପରେ ଦେଢ଼ ଶହରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରି ପାରିଲେନି। ଟୋକନ ଲାପ୍ସ ପରେ ନୂଆ ଟୋକନ ମିଳିଲାନି। ନୂଆ ଟୋକନ ପାଇଁ ପ୍ରଶାସନିକ ସ୍ତରରେ ସହଯୋଗ ମଧ ଦିଆଗଲାନି। ଏ ନେଇ ବାଲୁଗାଁ ଚାଷୀ ରଣଜିତ ଦଳବେହେରା କହିଛନ୍ତି, ସୁନାମୁହିଁ ଗାଁ ଚାଷୀ ବାଇନାଥ ସାହୁ ୫୭ କୁଇଣ୍ଟାଲ ଧାନ ବିକ୍ରି କରିପାରିଲେନି। ତାଙ୍କର ଧାନ ଭଲ ନୁହେଁ ଦର୍ଶାଇ ପାକ୍ସରେ ପକାଇ ରଖାଗଲା। ଏଣୁ ବାଇନାଥଙ୍କ ପରି ଅନେକ ଚାଷୀ ଚଳିତବର୍ଷ ହଇରାଣ ହୋଇଛନ୍ତି। କେତେଜଣ ଚାଷୀ ପାକ୍ସକୁ ଧାନ ଆଣିଥିଲେ ହେଁ ଭଲ ଧାନ ନୁହେଁ କହି ଫେରାଇ ଦିଆଯାଇଛି। ତେବେ କଟନୀ ଛଟନୀ ସବୁବର୍ଷ ପରି ଚଳିତ ବର୍ଷ ଲାଗୁ ହେଲା। କଟନୀ ଛଟନୀ ପାଇଁ ସରକାରୀ ନିୟମ ନ ଥିବାବେଳେ ଏହା ଅଲିଖିତ ନିୟମରେ ପରିଣତ ହୋଇଛି। କଟନୀଛଟନୀରେ ତଳସ୍ତରରୁ ଉପର ସ୍ତର କର୍ମଚାରୀ, ଅଧିକାରୀ, ରାଜନେତା ସମ୍ପୃକ୍ତ ଥିବାରୁ ସରକାର ବଦଳିବା ପରେ ବି ରୋକାଯାଇ ପାରିଲାନାହିଁ। ଅପରପକ୍ଷେ ଟୋକନ ଲାପ୍ସ ହୋଇଥିବା ଚାଷୀ ଧାନ ବିକ୍ରି ପାଇଁ କିଛି ବ୍ୟବସ୍ଥା ହୋଇ ନ ପାରିବାରୁ ଅସନ୍ତୋଷ ପ୍ରକାଶ ପାଇଥିବା କହିଛନ୍ତି।

## ନୟାଗଡ଼ ଜିଲା ଓକିଲ ସଂଘ ନିର୍ବାଚନ

# ରଣଜିତ ସଭାପତି, ସ୍ୱଦେଶ ସମ୍ପାଦକ

**ନୟାଗଡ଼,୨୯।୩ (ଲୋକନାଥ ମିଶ୍ର)**


ରଣଜିତ୍ ଦାଶ


ସ୍ୱଦେଶ ମିଶ୍ର

ନୟାଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ରଣଜିତ୍ ଦାଶ ଓ ସମ୍ପାଦକ ଭାବେ ସ୍ୱଦେଶ ମିଶ୍ର ନିର୍ବାଚିତ ହୋଇଛନ୍ତି। ସଭାପତି ପଦରେ ନିର୍ବାଚନ ଲଢୁଥିବା ରଣଜିତ ଦାଶ ୧୬୨ ଭୋଟ ପାଇଥିବାବେଳେ ବଂଶୀଧର ରାଉତରାୟ ୧୦୦ ଖଣ୍ଡ ଭୋଟ ପାଇଛନ୍ତି। ରଣଜିତ ୭ଥର ସମ୍ପାଦକ ରହିଥିବାବେଳେ ୨ୟଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସନ୍ତୋଷ କୁମାର ରାଉତରାୟ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଉପସଭାପତି ପଦ ପାଇଁ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରିନଥିଲେ। ସେହିପରି ସମ୍ପାଦକ ପଦବୀ ପାଇଁ ସ୍ୱଦେଶ ମିଶ୍ର ୧୮୫ ଭୋଟ ପାଇଥିବାବେଳେ ଶିବ ଶଙ୍କର ବିଶ୍ୱାଳ ୮୨ ଖଣ୍ଡ ଭୋଟ ପାଇଛନ୍ତି। ସ୍ୱଦେଶ ସମ୍ପାଦକ ଭାବେ ୩ୟ ଥର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଆଶୁତୋଷ ସାମନ୍ତରାୟ, କୋଷାଧ୍ୟକ୍ଷ ବିଶ୍ୱେସ ରଞ୍ଜନ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ପରିଚାଳନା ପରିଷଦ ସଭ୍ୟ ୬ଟି ପଦବୀ ଥିବାବେଳେ ୭ଜଣ ପ୍ରାର୍ଥୀ ଥିଲେ। ତ୍ରିନାଥ ନାୟକ କେବଳ ପରାଜିତ ହୋଇଛନ୍ତି। ପରିଚାଳନା ପରିଷଦ ସଭ୍ୟ ଭାବେ ଚିତ୍ତ ରଞ୍ଜନ ପ୍ରଧାନ, ବିଭୂଦତ୍ତ ସାହୁ, ହରେକୃଷ୍ଣ ପ୍ରଧାନ, ନିରାକାର ମହଲ, ଶୈଳେନ୍ଦ୍ର ନାରାୟଣ ପଟନାୟକ, ସୁନିଲ କୁମାର ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବିଶ୍ୱଜିତ ଆଚାର୍ଯ୍ୟ, କିଶୋର ଚନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ପରିଡା ନିର୍ବାଚନ ଦାୟିତ୍ୱ ପରିଚାଳନା କରିଥିବାବେଳେ ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱ କିଶୋର ଚନ୍ଦ୍ର ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ।

# ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ନୂଆଗାଁ, ୨୯।୩ (ଧନେଶ୍ୱର ସାହୁ)**

ନୂଆଗାଁ ବ୍ଲକ ସଭାଗୃହ ମଧରେ ଶନିବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବଣ୍ଟନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟାନର ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ତଥାପି ନୂଆଗାଁ ବ୍ଲକର ବାହାଡାଖୋଲା, ନୂଆଗାଁ, ଡିମିରିପଲ୍ଲୀ ଏବଂ ଜଗନ୍ନାଥପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆଗାମୀ ଦିନରେ ହେବାକୁ ଥିବା ନିର୍ଦ୍ଧାରିତ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମ ମାଧମରେ କାର୍ଡ ବଣ୍ଟନ କରାଯିବ। ସମସ୍ତ ହିତାଧିକାରୀଙ୍କ ପାଖରେ କାର୍ଡ ପହଞ୍ଚିବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ବଣ୍ଟନ କାର୍ଯ୍ୟ ଚାଲୁ ରହିବା ନେଇ ସୂଚନା ମିଳିଛି। ବୈଠକରେ ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ବିଡିଓ ଅମୃତ କୁମାର ରାଉଳ, ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ଏଡିପିଏଚ୍ଓ ଡା. ବନମାଳୀ ପ୍ରଧାନ, ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବୀ ପ୍ରସାଦ ପ୍ରଧାନ, ଜିପିଡିଓ ଲାଲ ବାହାଦୂର ରଞ୍ଜିତ, ସିଡିପିଓ ଶୁଭ୍ରକେଶୀ ମଲ୍ଲିକଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

# ପାଠ ସହ କ୍ରୀଡ଼ା ଅତ୍ୟନ୍ତ ଜରୁରୀ

## ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

**ଓଡ଼ଗାଁ, ୨୯।୩ (ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବ୍ଲକ୍‌ରେ ପିଏମ୍‌ଶ୍ରୀ ବିଦ୍ୟାଳୟ ମାନ୍ୟତା ହାସଲ କରିଥିବା ସ୍ଥାନୀୟ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରେନ୍ଦ୍ର କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନୀଳାଞ୍ଜନ ଦାସ, କ୍ରୀଡ଼ାବିତ ଦିବାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ବିଦ୍ୟାଳୟର କ୍ରୀଡ଼ା ବିବରଣୀ ପାଠ କରିବା ଅବସରରେ ୧୯୬୨ ମସିହାରେ ତତ୍କାଳୀନ ଶିକ୍ଷାପ୍ରେମୀଙ୍କ ଉଦ୍ୟମରୁ ମାତ୍ର ୧୪ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ବିଦ୍ୟାଳୟ ସମ୍ପ୍ରତି ପିଏମ୍‌ଶ୍ରୀ ବିଦ୍ୟାଳୟର ମାନ୍ୟତା ହାସଲ କରିଛି। ଏହି ଅବସରରେ ମୁଖ୍ୟ ଅତିଥି ପିଲାଙ୍କୁ ସଫଳତାର ମୂଳମନ୍ତ୍ର ଦେବାକୁ ଯାଇ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କର ଉଠିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ାବିତ ନାୟକ ରାଜ୍ୟ ତଥା ଦେଶରେ କବାଡି, ଖୋ ଖୋ, ଯୋଗ ଓ ବ୍ୟାଡ଼ମିଣ୍ଟନ କ୍ଷେତ୍ରରେ ସ୍କୁଲର ପୁରୁଣା ପାରଦର୍ଶିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୁଣି ଥରେ ଏହାକୁ ପୁନରୁଦ୍ଧାର କରିବାକୁ ଆହ୍ୱାନ ଦେଇଥିଲେ। ତାସିଲଦାର ଡ. ଭୋଇ ଓ ଡା. ଦାସ ଅନୁରୂପ ଢଙ୍ଗରେ ଶିକ୍ଷା ସହ କ୍ରୀଡ଼ା ଶିକ୍ଷାକୁ ନିୟମିତ କଲେ ରୋଗମୁକ୍ତ ହୋଇ ନିରୋଗ ରହିବାକୁ କହିଥିଲେ। କୃତୀ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରିଥିଲେ। କଳା ଶିକ୍ଷକ ଏକଲବ୍ୟ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ସଂଗ୍ରାମ ସଭାପତି, ବିକ୍ରମ ସମ୍ପାଦକ

**ଖଣ୍ଡପଡ଼ା,୨୯।୩ (ଅଜୟ କୁମାର ମହାରଣା)**


ସଂଗ୍ରାମ କେଶରୀ ମିଶ୍ର


ବିକ୍ରମ କେଶରୀ ଦେଓ

ଖଣ୍ଡପଡ଼ା ବାର୍ ଆସୋସିଏଶନର କାର୍ଯ୍ୟାଳୟ ପରିସରରେ ନୂତନ କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏସନର ସଭାପତି ଭାବେ ତୃତୀୟ ଥର ପାଇଁ ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର ଓ ସମ୍ପାଦକ ଭାବେ ବିକ୍ରମ କେଶରୀ ଦେଓଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି। ସେହିପରି ଉପସଭାପତି ଭାବେ ଗିରିଜା ପ୍ରସାଦ ମିଶ୍ର, ସହସମ୍ପାଦକ ସିଦ୍ଧାର୍ଥ ଶଙ୍କର ରାୟ, କୋଷାଧକ୍ଷ ମନୋଜ କୁମାର ମିଶ୍ର ଓ ପରିଚାଳନା କମିଟି(ଏକ୍‌ଜିକ୍ୟୁଟିଭ ମେମ୍ବର) ସଦସ୍ୟ ଭାବେ ଧନେଶ୍ୱର ମହାନ୍ତି ଓ ବିକ୍ରମ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ରାଜ୍ୟ ଅଧିବକ୍ତା ପରିଷଦ ଦ୍ୱାରା ନିଯୁକ୍ତ ନିର୍ବାଚନ ଅଧିକାରୀ ଭାବେ ବାବୁଲି ଚରଣ ସାହୁ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ନୂତନ କର୍ମକର୍ତ୍ତାମାନଙ୍କୁ ଖଣ୍ଡପଡ଼ା ଓକିଲ ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ଏପ୍ରିଲ ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୧ ବର୍ଷ ପାଇଁ ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିବା ଜଣାଯାଇଛି।

# ଶିବିରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

ନୟାଗଡ଼ ମ୍ୟୁନିସିପାଲିଟିରେ ବିଜୁ ମାର୍କେଟରେ ଥିବା ହନୁମାନଜୀଉଙ୍କ ୧୦ତମ ବାର୍ଷିକୋତ୍ସବରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଡିପିଓ ଅଶୋକ କୁମାର ରଥ, ନୟାଗଡ଼ ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, ଡା. ସମ୍ବିଦ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରେଡକ୍ରସ ସ୍ୱେଚ୍ଛାସେବୀ ଫୋରମର ସ୍ୱେଚ୍ଛାସେବୀ ତପନ କୁମାର ସାହୁ, ସୁରେନ୍ଦ୍ର କୁମାର ଜେନା, ପବିତ୍ର ମୋହନ ସାହୁ, ମାନସ କୁମାର ମହାପାତ୍ର, ଏସ୍.କେ. ରସୁଲ୍, ସ୍ମୃତି ରଞ୍ଜନ ବିଶୋଇ, ବିଜୁ ମାର୍କେଟର ସଭାପତି ଦିଲୀପ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ରେଡକ୍ରସ ସ୍ୱେଚ୍ଛାସେବୀ ଫୋରମର ଉପଦେଷ୍ଟା ବିଭୂତି ଭୂଷଣ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।


ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ


କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଖଣ୍ଡପଡ଼ା,୨୯।୩(ଅଜୟ କୁମାର ହାରଣା)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ ଓ ଅନସୂୟା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ସୁପରଭାଇଜର ଶରତ କୁମାର ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ, ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନଟି ପିଏମ୍‌ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ ପ୍ରଥମ କରି ଏହି ଯୋଜନା ଅନୁଦାନ ଅର୍ଥରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦଙ୍କଠାରୁ ପ୍ରକାଶ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସଭାପତି ଶତ୍ରୁଘ୍ନ, ସମ୍ପାଦକ ସତ୍ୟରଞ୍ଜନ

**ରଣପୁର ୨୯।୩ (ସୁକାନ୍ତ କିଶୋର ଡାକୁଆ)**


ଶତ୍ରୁଘ୍ନ ପାଇକରାୟ


ସତ୍ୟରଞ୍ଜନ ମଡ଼ା

ରଣପୁର ବାର ଆସୋସିଏଶନର ନିର୍ବାଚନ ଶନିବାର ରଣପୁର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଗିରିଜା ଶଙ୍କର ସାମନ୍ତରାୟଙ୍କ ଦ୍ୱାରା ଅନୁଷ୍ଠିତ ନିର୍ବାଚନ ହୋଇଥିଲା। ସଭାପତି ପଦବୀ ପାଇଁ ଶତ୍ରୁଘ୍ନ ପାଇକରାୟ ୪୧ ଖଣ୍ଡ ଭୋଟ ପାଇଥିବାବେଳେ ଦିଲୀପ ନନ୍ଦ ୩୬ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ସତ୍ୟରଞ୍ଜନ ମଡ଼ା, ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତନ ହୋଇଥିଲାବେଳେ ଉପସଭାପତି ଭାବେ ପ୍ରେମନାଥ ମହାପାତ୍ର, ଜଏଣ୍ଟ ସେକ୍ରେଟାରୀ ଭାବେ ନରେନ୍ଦ୍ର କୁମାର ପ୍ରଧାନ, ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବେ ସୁକୁମାର ଗୌରବ ଓ ଟ୍ରେଜେରର ଭାବେ ସୁଶାନ୍ତ କୁମାର ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ସଭାପତି ପାଇକରାୟ ପୂର୍ବରୁ ସମ୍ପାଦକ ଦାୟିତ୍ୱ ତୁଲାଇ ଥିବାବେଳେ, ସମ୍ପାଦକ ଭାବେ ମଡ଼ା ଲଗାତର ଭାବେ ୫ ଥର ନିର୍ବାଚିତ ହେଇ ଆସୁଛନ୍ତି। ଏଥିରେ ୭୮ଜଣ ଆଇନଜୀବୀ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବା ଜଣାଯାଇଛି।

# ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ଦଣ୍ଡପର୍ବ

**ଖଣ୍ଡପଡ଼ା,୨୯।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଡୋଳମରା ଗ୍ରାମସ୍ଥିତ ଶୈବପୀଠ ପ୍ରଭୁ ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ଦଣ୍ଡପର୍ବ ଆରମ୍ଭ ହୋଇଛି। ମାନସିକଧାରୀ ବ୍ୟକ୍ତିମାନେ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ଦିନ ଅପରାହ୍ନରେ ମା' ଦଣ୍ଡକାଳୀଙ୍କ ସ୍ନାନ ନୀତି ସମ୍ପନ୍ନ ପରେ ମାନସିକଧାରୀ ଦଣ୍ଡୁଆମାନେ ମା'ଙ୍କ ବେତ, ଆଜ୍ଞାମାଳ ଓ ଦଣ୍ଡ ଠାକୁରଙ୍କୁ ଧରି ଗ୍ରାମ ପରିକ୍ରମା କରିବାର ପରମ୍ପରା ଦୀର୍ଘବର୍ଷ ଧରି ପ୍ରଚଳିତ ହୋଇଆସୁଛି। ସେହିପରି ରାତିରେ ଦଣ୍ଡନାଚ ଅନୁଷ୍ଠିତ ହେଉଛି। ନିଷ୍ଠା ଓ କାଷ୍ଟାର ପର୍ବ ଭାବେ ଜଣାଶୁଣା ଦଣ୍ଡପର୍ବ ଯୋଗୁ ରୟତ ଡୋଳମରା ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀହଟ୍ଟକେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ୧୭ଦିନ ଧରି ମା' କାଳୀଙ୍କ ଦଣ୍ଡପର୍ବ ଅନୁଷ୍ଠିତ ହୋଇଥାଏ।



# ପରିତ୍ୟକ୍ତ ଅବସ୍ଥାରେ ସ୍ନାନାଗାର, ଶୌଚାଳୟ

## ଗୋଜିମୁଣ୍ଡିଆର ପାଦ ଦେଶରେ ଥିବା ପାର୍କ

**ଖଣ୍ଡପଡ଼ା,୨୯।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ରାଣୀପଡ଼ା ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗୋଜିମୁଣ୍ଡିଆର ପାଦ ଦେଶରେ ଏକ ପାର୍କ ନିର୍ମାଣ କରାଯାଇଥିଲା। ଏବେ ଉକ୍ତ ପାର୍କଟି ଗୋରୁଙ୍କ ପାଇଁ ଚାରଣଭୂମି ପାଲଟିଛି। ଏହା ଏବେ ସ୍ଥାନୀୟ ବାସିନ୍ଦାଙ୍କ ମୁକ୍ତାକାଶ ଶୌଚାଳୟ ଭାବେ ବ୍ୟବହାର ହେଉଛି। ଉକ୍ତ ପାର୍କ ନିମନ୍ତେ ବ୍ଲକ ପ୍ରଶାସନ ଜରିଆରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଛି। ମାତ୍ର ଅନୁଦାନ ଅର୍ଥ ପାଣିରେ ପଡ଼ିବା ସାର ହୋଇଛି। ଉକ୍ତ ପାର୍କ ପରିସରରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶୌଚାଳୟ ଓ ସ୍ନାନାଗାର ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏବେ ତାହା ନଷ୍ଟ ହେବାକୁ ବସିଲାଣି। ଶୌଚାଳୟ ଓ ସ୍ନାନାଗାରର ସମ୍ମୁଖ ଭାଗ ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଛି। ରାଣୀପଡା ଗ୍ରାମବାସୀ ପରିତ୍ୟକ୍ତ ଅବସ୍ଥାରେ ଥିବା ଉକ୍ତ ପାର୍କ ଓ ଶୌଚାଳୟ ପ୍ରତି ନଜର ଦେଉ ନ ଥିବା ଜଣାପଡିଛି। ତେବେ କାହା ସ୍ୱାର୍ଥରେ ସଂରକ୍ଷିତ ପାହାଡର ପାଦଦେଶରେ ବ୍ଲକ ପ୍ରଶାସନ ସେହି ସମୟରେ ପାର୍କ ନିର୍ମାଣ ପାଇଁ ଅନୁମତି ପ୍ରଦାନ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।


ପାର୍କରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶୌଚାଳୟ।

# ସଭାପତି ସୁଶାନ୍ତ, ସମ୍ପାଦକ ଶରତ

**ଦଶପଲ୍ଲା, ୨୯।୩(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ଦାୟିତ୍ୱ ତୁଲାଇଥିଲେ। ସଭାପତି ଭାବେ ସୁଶାନ୍ତ କୁମାର ପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଉପସଭାପତି କୃଷ୍ଣଚନ୍ଦ୍ର ଦାସ, ସହସମ୍ପାଦକ ମନୋରଞ୍ଜନ ମିଶ୍ର, ପାଠାଗାର ସମ୍ପାଦକ କେଶବ ଚନ୍ଦ୍ର ମିଶ୍ର ଓ କୋଷାଧ୍ୟକ୍ଷ ପ୍ରଣବ ପ୍ରଜ୍ଞା ମିଶ୍ର ଏବଂ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଗୌରଚନ୍ଦ୍ର ମିଶ୍ର, ମାନସ କୁମାର ମହାଖୁଡ, ଦିଲୀପ କୁମାର ପଣ୍ଡା, ଆଲୋକ ସେନାପତି ଓ ଉପେନ୍ଦ୍ର କୁମାର ମିଶ୍ରଙ୍କ ନାମ ନିର୍ବାଚନ ଅଧିକାରୀ ଦାସ ଘୋଷଣା କରିଛନ୍ତି। ସମସ୍ତ ପଦବୀ ପାଇଁ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ବୋଲି ନିର୍ବାଚନ ଅଧିକାରୀ ଦାସ ଜଣାଇଛନ୍ତି।

# ସଭାପତି ପୂର୍ଣ୍ଣଚନ୍ଦ୍ର, ସମ୍ପାଦକ ବଟକୃଷ୍ଣ

**ଓଡ଼ଗାଁ,୨୯।୩ (ଆଦର୍ଶ କୁମାର ପଟ୍ଟନାୟକ)**


ପୂର୍ଣ୍ଣଚନ୍ଦ୍ର ସାହୁ


ବଟକୃଷ୍ଣ ମିଶ୍ର

ଓଡ଼ଗାଁ ବାର ଆସୋସିଏଶନର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସାହୁ ସଭାପତି, ଯଜ୍ଞ ନାରାୟଣ ପାତ୍ର ଉପସଭାପତି, ବଟକୃଷ୍ଣ ମିଶ୍ର ସମ୍ପାଦକ, ରାଧାକାନ୍ତ ମହାପାତ୍ର ଯୁଗ୍ମ ସମ୍ପାଦକ, ଚିତ୍ତରଞ୍ଜନ ସେନାପତି ସହସମ୍ପାଦକ, ଚିରଞ୍ଜିବି ଦାସ ପାଠାଗାର ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ର ପାତ୍ରଙ୍କୁ ଚୟନ ହୋଇଛନ୍ତି। ସେହିପରି ପୂର୍ଣ୍ଣଚନ୍ଦ୍ର ଦୋରା, ଦିବ୍ୟରଞ୍ଜନ ପାଣିଗ୍ରାହୀ, ପ୍ରଦୀପ କୁମାର ବିଷୋୟୀ, ପ୍ରଭାତ କୁମାର ପୃଷ୍ଟି, ବିବେକାନନ୍ଦ ସରସ୍ୱତୀ, ନାରାୟଣ ନାୟକ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ନେଇ ବାର ଆସୋସିଏଶନର ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ନନ୍ଦ ସୂଚନା ଦେଇଛନ୍ତି।

## କାରଖାନା ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

କଳିଙ୍ଗନଗର,୨୯।୩(ଶୁଭାଶିଷ ରାଉତ): କଳିଙ୍ଗନଗର ଥାନା ଅନ୍ତର୍ଗତ ମଧୁବନ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବରଘାଟି ଛତରା ସାହିର କାର୍ତ୍ତିକ କେରାଇ। ସେ ବାଇକ୍‌ରେ ଡୁବୁରୀ ଅଭିମୁଖେ ଆସୁଥିବା ବେଳେ ଏକ କାରଖାନା ବସ୍ ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ଚାଲିଯାଇଥିଲା। ଘଟଣାସ୍ଥଳରେ କାର୍ତ୍ତିକଙ୍କ ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଛି।

## ବରିଷ୍ଠ ସାମାଜିକ କର୍ମୀଙ୍କ ପରଲୋକ

ଯାଜପୁର ଟାଉନ,୨୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁରର ବର୍ଷୀୟାନ ସାମାଜିକ କର୍ମୀ ମହେଶ୍ୱର ନନ୍ଦ (୯୭)ଙ୍କ ଶନିବାର ଆଙ୍କୁଲାସ୍ଥିତ ଘରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ୫ ପୁଅ , ନାତି ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମେଡିକାଲ କଲେଜ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ


ଧାରଣାରେ ବସିଥିବା ସଫେଇ କର୍ମଚାରୀ ।

### ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ

ଯାଜପୁର ଟାଉନ,୨୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ମହାରାଜା ଯଯାତିକେଶରୀ ମେଡିକାଲ କଲେଜର କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଶୁକ୍ରବାରଠାରୁ ଆନ୍ଦୋଳକୁ ଓହ୍ଲାଇଛନ୍ତି । ଫଳରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଆଳିଆ, ଆବର୍ଜନା ପଡି ରହିଛି । ବିଭିନ୍ନ ସ୍ଥାନରେ ଦୂଷିତ ପରିବେଶ ସୃଷ୍ଟି ହୋଇଛି । ଏହାକୁ ନେଇ ରୋଗୀ, ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଅଭିରାମ କେୟାର ଆଣ୍ଡ ଏକ୍ସପୋର୍ଟ ନାମକ ଏକ ଘରୋଇ ସଂସ୍ଥା ମେଡିକାଲ କଲେଜର ସଫେଇ କାମ ପାଇଁ ସଫେଇ କର୍ମଚାରୀ ନିଯୁକ୍ତି କରିଛନ୍ତି । ଗତ କିଛିମାସ ହେବ ସଫେଇ କର୍ମଚାରୀମାନେ ସେମାନଙ୍କ ମାସିକ ଦରମା ପାଇନାହାନ୍ତି। ଏ ନେଇ ବାରମ୍ବାର ସଫେଇ କର୍ମଚାରୀ ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏବଂ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତି କରିଆସୁଛନ୍ତି। ଗତ ଶୁକ୍ରବାର ଏ ବିଷୟରେ ଏଡିଏମ୍ ଡା. ଅନୁପ ନାଥ ଶର୍ମାଙ୍କ ସହିତ ତାଙ୍କ ଦରମା ବିଷୟରେ ଆଲୋଚନା କରୁଥିବା ସମୟରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଡିଏମ୍ ଡା. ଶର୍ମା ସେମାନଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି ସଫେଇକର୍ମଚାରୀମାନେ ଅଭିଯୋଗ କରି ଶନିବାର ସକାଳୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଧାରଣା ଦେଇଥିଲେ। ଶନିବାର ଅପରାହ୍ନରେ ଅଭିରାମ କେୟାର ଏଣ୍ଡ ଏକ୍ସପୋର୍ଟର ମାଲିକ ଏବଂ ତାଙ୍କର ସୁପରଭାଇଇଜର ସିଡିଏମ୍‌ଙ୍କ କାର୍ଯ୍ୟାଳୟକୁ ସମାଧାନ କରିବା ପାଇଁ ସଫେଇ କର୍ମଚାରୀ ସଂଘ ସଭାପତିଙ୍କୁ ଡ଼କାଇ ଥିଲେ। ଏହି ସମୟରେ ସଫେଇ କର୍ମଚାରୀଙ୍କ ମଧୁସ୍ମିତା ବାରି ଏବଂ ରାଜ୍ୟ ସଙ୍ଗଠନର ସମ୍ପାଦିକା ରିମାମଣୀ ବାରିକ ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତାମାନେ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରିଥିଲେ । ହେଲେ ଉକ୍ତ ସଂସ୍ଥାର ସୁପରଭାଇଜର ଶୁଭଶ୍ରୀ ବେହେରା, ସୁରେନ୍ଦ୍ର ପଢ଼ିହାରୀ, ମକ୍ତିକାନ୍ତ ପଢ଼ିହାରୀ ଏଥିରେ ବାଧାସୃଷ୍ଟି କରିଥିଲେ। ଏହି ସମୟରେ ଉକ୍ତ ତିନି ଜଣ ମିଳିମିଶି ରିମାମଣୀ ବାରିକଙ୍କୁ ମାଡ଼ ମାରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଏ ବିଷୟରେ ମଧୁସ୍ମିତା ବାରି ଯାଜପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

# ସବୁଠି ବାର୍ ଆସୋସିଏଶନ ନିର୍ବାଚନ

## ମନୀନ୍ଦ୍ର ସଭାପତି, ନବ କିଶୋର ସମ୍ପାଦକ


ମନୀନ୍ଦ୍ର କୁମାର ଧଳ


ନବକିଶୋର ସାହୁ

### କଳିଙ୍ଗନଗର ବାର୍ ଆସୋସିଏଶନ

ଯାଜପୁରରୋଡ୍, ୨୯।୩(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ କଳିଙ୍ଗନଗର ବାର୍ ଆସୋସିଏଶନ ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୀନ୍ଦ୍ର କୁମାର ଧଳ ସଭାପତି, ମହେନ୍ଦ୍ର ସାହୁ ଉପସଭାପତି, ନବକିଶୋର ସାହୁ ସମ୍ପାଦକ, ପ୍ରିୟଦର୍ଶୀ ମଲ୍ଲ ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର କୁମାର ବାରିକ ସହ ସମ୍ପାଦକ ଓ ଅରୁଣ କୁମାର ବୋଇତାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଭ୍ୟ ଭାବେ ରବୀନ୍ଦ୍ର ମୋହନ ଭୂୟାଁ, ଅଜୟ କୁମାର ମଲ୍ଲିକ, ଅମୂଲ୍ୟ କୁମାର ରାଉତ, ପ୍ରକାଶ ଚନ୍ଦ୍ର ଜେନା, ଅଜୟ କୁମାର ସାମଲ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଣୟ କୁମାର ନାୟକ ସୂଚନା ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ପତି ନୂତନ କର୍ମକର୍ତ୍ତାମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ।

## ବିବେକାନନ୍ଦ ମହାନ୍ତି ସଭାପତି, ଧନେଶ୍ୱର ବାରିକ ସମ୍ପାଦକ



ନବନିର୍ବାଚିତ କର୍ମକର୍ତ୍ତା ।

### ଯାଜପୁର ଜିଲା ଟ୍ୟାକ୍ସ ବାର୍ ଆସୋସିଏଶନ

ଯାଜପୁରରୋଡ୍,୨୯।୩(ପବିତ୍ର ରଞ୍ଜନ ମହାନ୍ତି):

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅନୁବନ୍ଧିତ ଯାଜପୁର ଜିଲା ଟ୍ୟାକ୍ସବାର ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଶନିବାର ଶେଷ ହୋଇଛି। ସଭାପତି ଭାବେ ବିବେକାନନ୍ଦ ମହାନ୍ତି, ଉପସଭାପତି ସସ୍ମିତା ସ୍ୱାଇଁ, ସାଧାରଣ ସମ୍ପାଦକ ଧନେଶ୍ୱର ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ସହ ସମ୍ପାଦକ ଦିପୁ ବାରିକ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ବାରିକ, ଲାଇବ୍ରେରୀ ସମ୍ପାଦକ ରମାକାନ୍ତ ସେଠୀ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାଜେନ୍ଦ୍ର ଧୀର ସାମନ୍ତ ଓ ସତ୍ୟଜିତ ଶତପଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଏହି ନିର୍ବାଚନ ପରିଚାଳନରେ ମାନସ ରଞ୍ଜନ ସାମଲ ଏବଂ ପ୍ରବୀର କୁମାର ରାଉତ ସହଯୋଗ କରିଥିଲେ।

## ସୁରେଶ ସଭାପତି, ପ୍ରକାଶ ସମ୍ପାଦକ

### ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ


ସୁରେଶ ଚନ୍ଦ୍ର ପଣ୍ଡା


ପ୍ରକାଶ କୁମାର ଦାଶ

ଚଣ୍ଡିଖୋଲ,୨୯।୩(ପ୍ରଦୀପ୍ତ କୁମାର ପୃଷ୍ଟି ) : ଶନିବାର ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସୁରେଶ ଚନ୍ଦ୍ର ପଣ୍ଡା ସଭାପତି ଏବଂ ପ୍ରକାଶ କୁମାର ଦାଶ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ପୂର୍ବତନ ସଭାପତି ପ୍ରତାପ କୁମାର ଦାସ ସୂଚନା ଦେଇଛନ୍ତି । ଉପସଭାପତି ଭାବେ ରାମଚନ୍ଦ୍ର ତ୍ରିପାଠୀ , କୋଷାଧ୍ୟକ୍ଷ ବାବାଜୀ ଚରଣ ସାମଲ ନିର୍ବାଚିତ ହୋଇଛନ୍ତି । ସେହିପରି ଯୁଗ୍ମ ସମ୍ପାଦକ ସିରିଶ କୁମାର ସାମଲ, କ୍ରୀଡା ସମ୍ପାଦକ ତରୁଣ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କୁମାର ବିଶ୍ୱାଳ ଓ ସହ ପାଠାଗାର ସମ୍ପାଦକ ଭାବେ ଦୀନବନ୍ଧୁ ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭ୍ୟ ଭାବେ ଆଶିଷ କୁମାର ମହାପାତ୍ର, ବେବିନା ଓଝା, ବିଶ୍ୱରଞ୍ଜନ ବେହେରା, ଚିନ୍ମୟ ସ୍ୱାଇଁ , ଲକ୍ଷ୍ମୀପ୍ରିୟା କର ଓ ପ୍ରିୟ ଗୋବିନ୍ଦ ଦାସ ବି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରତାପ କୁମାର ଦାସ ଓ ଯୁଗ୍ମ ସହକାରୀ ନିର୍ବାଚନ ଅଧିକାରୀ ମନ୍ମଥ କେଶରୀ ସାହେବ ରାୟ ସୂଚନା ଦେଇଛନ୍ତି ।

## କିଶୋର ଚନ୍ଦ୍ର କର ସଭାପତି, ଉତ୍କଳ ଚନ୍ଦ୍ର ଦାସ ସାଧାରଣ ସମ୍ପାଦକ

### ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏଶନ


ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏଶନ ନବ ନିର୍ବାଚିତ କର୍ମକର୍ତ୍ତା ।

ଯାଜପୁର/ଯାଜପୁର ଟାଉନ (ହର୍ଷବର୍ଦ୍ଧନ ବେହେରା/ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି), ୨୯।୩

ଯାଜପୁର ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର କର ସଭାପତି, ପୁଷ୍ପମିତ୍ର ଦାସ ଉପସଭାପତି, ଉତ୍କଳ ଚନ୍ଦ୍ର ଦାସ ସାଧାରଣ ସମ୍ପାଦକ, ରାଜକିଶୋର ବେହେରା ସହ ସମ୍ପାଦକ, ଅଭୟ କୁମାର ଦାସ ଲାଇବ୍ରେରୀ ସମ୍ପାଦକ, ଅଜୟ କୁମାର ଶତପଥୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଲକ୍ଷ୍ମୀନାରାୟଣ ସାହୁ ନିର୍ବାଚନ ପରିଚାଳନା କରିଥିଲେ।

## ଯାଜପୁର ଲୟର୍ସ ଆସୋସିଏଶନ ନିର୍ବାଚନ


ପ୍ରତାପ କୁମାର ରାୟ


ମାନଗୋବିନ୍ଦ ଧଳ

ଯାଜପୁର ଲୟର୍ସ ଆସୋସିଏଶନ ନିର୍ବାଚନରେ ପ୍ରତାପ କୁମାର ରାୟ ସଭାପତି, ମାନଗୋବିନ୍ଦ ଧଳ ସାଧାରଣ ସମ୍ପାଦକ, ଦିବାକର ମହାନ୍ତି ଉପସଭାପତି, ସରୋଜ କୁମାର ସ୍ୱାଇଁ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିଜୟ କୁମାର ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ।

## ବିଦ୍ୟାଧର ଲେଙ୍କା ସଭାପତି, ସୋମନାଥ ସାହୁ ସମ୍ପାଦକ

### ଧର୍ମଶାଳା ବାର୍ ଆସୋସିଏଶନ

ଧର୍ମଶାଳା,୨୯।୩(ବଟକୃଷ୍ଣ ପରିଡା): ଧର୍ମଶାଳା ତହସିଲ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ ଶନିବାର ତହସିଲ ବାର୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଡ଼ଭୋକେଟ୍ ନିଶିକାନ୍ତ ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ । ସଭାପତି ଭାବେ ବିଦ୍ୟାଧର ଲେଙ୍କା, ଉପ ସଭାପତି କେଦାରଶ୍ୱର ଦାଶ, ସମ୍ପାଦକ ସୋମନାଥ ସାହୁ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ପରିଡ଼ା, ସହ ସମ୍ପାଦକ ଅଜିତ୍ କୁମାର ରାଉତଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା । କୋଷାଧ୍ୟକ୍ଷ ଉତ୍ତମ ମହାନ୍ତି, ଲାଇବ୍ରେରୀ ସମ୍ପାଦକ ଅଜୟ କୁମାର ଦାସ, ଲାଇବ୍ରେରୀ ସହ ସମ୍ପାଦକ ସୁଧାଂଶୁ କର ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିକୁ ବରିଷ୍ଠ ଓକିଲ ଗୁରୁଚରଣ ସେଠୀ, କ୍ଷୀତିଶ୍ କୁମାର ଦାଶ ଓ ରଶ୍ମିରଞ୍ଜନ ଜେନାଙ୍କୁ ମନୋନୀତ କରାଯାଇଛି । ସମସ୍ତ ପଦ ପଦବୀ ପାଇଁ ନିର୍ବାଚନ ସହମତି ଭିତ୍ତିରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଭୁଦତ୍ତ


@ ବିକାଶ


@ କିଶୋର


@ ରଶ୍ମି


@ ସୂର୍ଯ୍ୟମଣି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ମାଣାଧୀନ ପ୍ରକଳ୍ପର ହେବ ଏମ୍‌ଏଲ୍‌ଆଇୟୁ ତଦନ୍ତ

ଯାଜପୁର,୨୯।୩(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାକୁ ବିଭିନ୍ନ ପାଣ୍ଠିରୁ ବହୁ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ପାଣିକୋଇଲି ରାସ୍ତା ଓ କୋଠାବାଡ଼ି(ଆର୍ ଆଣ୍ଡ ବି) ଡିଭିଜନ ଅଧୀନରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪୪ଟି ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଥିରେ ୭ଟି ପ୍ରକଳ୍ପ ୪ରୁ ୫ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏହାବାଦ କେତେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନ ସରୁଣୁ ଦବିଯାଇଥିବା ଭଳି ନଜିର ରହିଛି। ବିଭାଗୀୟ ସେଣ୍ଟ୍ରାଲ ଲାବରେଟୋରି ତଦନ୍ତ ରିପୋର୍ଟରେ କେତେକ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଏନେଇ ବିଭିନ୍ନସ୍ତରରେ ଅଭିଯୋଗ ହେବା ପରେ ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ ମୋବାଇଲ ଲାବରେଟୋରି ଇନ୍ସପେକ୍ସନ ୟୁନିଟ(ଏମ୍‌ଏଲ୍‌ଆଇୟୁ) ଦ୍ୱାରା ନିର୍ମାଣାଧୀନ ପ୍ରକଳ୍ପଗୁଡିକର ତଦନ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କେଉଁ କେଉଁ ନିର୍ମାଣାଧୀନ ପ୍ରକଳ୍ପର ତଦନ୍ତ କରାଯିବ ତାହାର ତାଲିକା ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ ପ୍ରସ୍ତୁତ କରିବେ ଏବଂ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ତାକୁ ମଞ୍ଜୁର କରିବେ ବୋଲି ୧।୧।୨୦୨୫ର ବିଭାଗୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକର ନିଷ୍ପତ୍ତି ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଚିଫ୍ ଇଞ୍ଜିନିୟର ୨୧।୩।୨୦୨୫ରେ ଆର୍ ଆଣ୍ଡ ବି ସର୍କଲର ସମସ୍ତ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉକ୍ତ ୟୁନିଟ୍ ଦ୍ୱାରା ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ସବିଶେଷ ତଦନ୍ତ କରାଗଲେ କାର୍ଯ୍ୟର ମାନ ଉପଯୁକ୍ତ ଭାବେ ନିରୀକ୍ଷଣ ହୋଇପାରିବ ବୋଲି ଆଶା କରାଯାଉଛି।

୧୬ ନମ୍ବର ଜାତୀୟ ରାଜପଥର ଷଠିପୁରଠାରୁ ଯାଜପୁର ପଟକୁ ବୁଢ଼ା ନଦୀ ବ୍ରିଜ୍ ନିକଟ ପର୍ଯ୍ୟନ୍ତ ୩.୪୦୦ କି.ମି. ୪ ଲେନ୍ ରାସ୍ତା ନିର୍ମାଣକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏଥିପାଇଁ ୨୪.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି।

### ଅନିୟମିତତାରେ ଉବୁଟୁବୁ ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟ


ଷଠିପୁର-ବୁଢ଼ାନଦୀ ପୂର୍ତ୍ତବିଭାଗ ରାସ୍ତା ଦବିଯାଇଥିଲା । (ଫାଇଲ ଫଟୋ)

ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ଏହି ରାସ୍ତା ନିର୍ମାଣ ପାଇଁ ୩ ଏକର ୩୦୮ ଡେସିମିଲ ଜମି ଅଧିଗ୍ରହଣ ବାବଦକୁ ୨୨.୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଗୁଡ଼ିଆ ଗ୍ରାମ ଅଂଶ ରାସ୍ତା ନିର୍ମାଣକୁ ୧ ମାସ ନ ପୂରୁଣୁ ଏକାଧିକ ସ୍ଥାନରେ ରାସ୍ତା ଧସି, ଫାଟି ବିପଦସଙ୍କୁଳ ହୋଇଥିବା ଦେଖାଯାଇଥିଲା। ଏହି ରାସ୍ତାରେ ବ୍ୟାପକ ପିସି କାରବାର ଓ ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଉକ୍ତ ରାସ୍ତା କାର୍ଯ୍ୟ ୩୦।୧୧।୨୦୨୧ରେ ଆରମ୍ଭ କରାଯାଇ ୨୯।୫।୨୦୨୩ରେ ସରିବା କଥା। କିନ୍ତୁ ଏହି ରାସ୍ତା କାର୍ଯ୍ୟ ଏଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବ୍ୟୟ ଅଟକଳ ଅନୁସାରେ ପାଉଁଶ, ବାଲି, ମେଟାଲ, ପିଚୁ ଇତ୍ୟାଦି ବ୍ୟବହାରରେ ନିମ୍ନମାନର ଓ ଅସମାନତା ରହୁଥିବାରୁ ରାସ୍ତା ଅବସ୍ଥା ଦୁର୍ବଳ ହୋଇପଡ଼ିଛି। ଯେନତେନ ପ୍ରକାରେ କାମ ସାରି ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଚଳୁ କରିବାକୁ ଯୋଜନା ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହିସବୁ ଅନିୟମିତତାର ମୋବାଇଲ ଲାବରେଟୋରି ଇନ୍ସପେକ୍ସନ ୟୁନିଟ୍ ଦ୍ୱାରା ତଦନ୍ତ କରାଗଲେ ବାସ୍ତବତା ଜଣାପଡିବ ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି।

ଦ୍ୱିତୀୟରେ ବିଭାଗୀୟ ସେଣ୍ଟ୍ରାଲ ଲାବରେଟୋରି ତଦନ୍ତ ରିପୋର୍ଟରେ ଜିଲାର ବିଞ୍ଝାରପୁର ବ୍ଲକ ନରିଗାଁ ଠାରୁ ଦୁବକଣ ଭାୟା ଗରବନ୍ଧ ଓ ଯୁଝୁପୁର ନିର୍ମାଣାଧୀନ ରାସ୍ତାରେ ଅନିୟମିତତା ଜଣାପଡ଼ିଥିଲା। ଏହି ରିପୋର୍ଟକୁ ଭିତ୍ତିକରି ତଦନ୍ତକାରୀ ଯନ୍ତ୍ରୀମାନେ ଉଦ୍‌ବେଗ ପ୍ରକାଶ କରିବା ସହ କାର୍ଯ୍ୟର ଗୁଣବତ୍ତାକୁ ସଂଶୋଧନ କରିବା, ପେଭମେଣ୍ଟ କ୍ୱାଲିଟି କଂକ୍ରିଟ(ପିକ୍ୟୁସି) ପୁରୁଣା ନିୟମକୁ ବାଦ୍ ଦେଇ ଶେଷତମ ମାନଦଣ୍ଡ ଅନୁଯାୟୀ ନିର୍ମାଣ କରିବା ଏବଂ ସମ୍ପୃକ୍ତ ଯନ୍ତ୍ରୀମାନେ ନିୟମିତ ଭାବେ କାର୍ଯ୍ୟର ତଦାରଖ କରି ରିପୋର୍ଟ ଦାଖଲ କରିବାକୁ ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ୍ ଦଶରଥପୁର ବ୍ଲକର ରାମବାଗଠାରୁ ଛତ୍ରପଡ଼ା ପର୍ଯ୍ୟନ୍ତ ୮ କୋଟି ଟଙ୍କାର ରାସ୍ତା କାର୍ଯ୍ୟ ୮ ଦିନ ମଧ୍ୟରେ ଫାଟି ଉଠିଯାଇଥିଲା। ଏନେଇ ସମ୍ପୃକ୍ତ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ବିଭାଗରେ ଏଭଳି ଭାବେ ଶତାଧିକ ପ୍ରକଳ୍ପରେ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଆସୁଛି।

ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ସମସ୍ତ ନିର୍ମାଣାଧୀନ ପ୍ରକଳ୍ପର ଉପଯୁକ୍ତ ନିରୀକ୍ଷଣ କରାଯାଉଛି। ବ୍ୟୟ ଅଟକଳ ଅନୁସାରେ ପ୍ରକଳ୍ପଗୁଡ଼ିକ ଠିକ୍ ଭାବେ ନିର୍ମାଣ ହେଉଥିବାବେଳେ ଏଥିରେ କୌଣସି ଅନିୟମିତତାର ସୁଯୋଗ ଦିଆଯିବ ନାହିଁ।

**୩୦୦ ଲିଟର ଦେଶୀ ମଦ ଜବତ: ୩ ଗିରଫ**

ପାରାଦୀପ,(ଶରତ ରାଉତ)- ପାରାଦୀପ ଅଭୟଚାନ୍ଦପୁର ପୋଲିସ ଶନିବାର ନିକଟସ୍ଥ ରାମଚଣ୍ଡୀପଡାରୁ ୩୦୦ ଲିଟର ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦୁଳ ମାଝୀ, ଜିତରାୟ ମାଝୀ, ପିଠ ମାରାଣ୍ଡି। ଅଭିଯୁକ୍ତମାନେ ରାମଚଣ୍ଡୀ ପଡାରେ ୫୦ଟି ରସ ଡେକଚି ଜରିଆରେ ଦେଶୀ ମଦ ତିଆରି କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ମଦ ଜବତ କରିଛି। ଏ ନେଇ ଥାନାରେ ମାମଲା (ନଂ.୪୩/୨୫) ରୁଜୁ ହୋଇଛି।

## ଆହ୍ଲାଦ ସଭାପତି, ସରୋଜ ସମ୍ପାଦକ

### ତିର୍ତ୍ତୋଲ ବାର୍ ଆସୋସିଏଶନ




ତିର୍ତ୍ତୋଲ, ୨୯।୩ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବରେ ଆହ୍ଲାଦ କୁମାର ପରିଜା, ଉପସଭାପତି ଝୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷଭାବେ ଦେବେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଛନ୍ତି।

# ଜଗତ୍‌ସିଂହପୁରରେ ହେବ ମେଡିକାଲ କଲେଜ, ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ**

ଜଗତ୍‌ସିଂହପୁର, ୨୯।୩ (ପ୍ରମୋଦ କୁମାର ନାୟକ)

ବିଧାନସଭାରେ ନିଜର ଅଭିଭାଷଣ ରଖିବା ସମୟରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତ୍‌ସିଂହପୁର ଜିଲାରେ ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା କରିବା ନେଇ ସରକାର ଅନୁମୋଦନ କରିଥିବା କଥା କହିଛନ୍ତି। ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବହୁ ଦିନ ଧରି ଦାବି ହୋଇ ଆସୁଥିଲା। ମାତ୍ର ସେଥିରେ କୌଣସି ସରକାରୀ ପଦକ୍ଷେପ ନିଆଯାଇ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ପରେ ଜିଲାରେ ମେଡିକାଲ କଲେଜ ହେବାର ବାଟ ଉନ୍ମୁକ୍ତ ହୋଇଛି। ମେଡିକାଲ କଲେଜ ପ୍ରତିଷ୍ଠା ଭଳି ଯୁଗାନ୍ତକାରୀ ନିଷ୍ପତ୍ତି ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ସହ ସ୍ୱାସ୍ଥ୍ୟସେବାରେ ତୃଣମୂଳସ୍ତରରୁ ବୈପ୍ଲବିକ ପରିବର୍ତ୍ତନ ହେବ। ଏହାଦ୍ୱାରା ଜିଲାର ନାଗରିକଙ୍କୁ ଅତ୍ୟାଧୁନିକ ଓ ଗୁଣାତ୍ମକ ଚିକିତ୍ସା ସୁବିଧା ମିଳିପାରିବ। ସେହିପରି ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଆଭିଏଶନ ଆସେଟ ଆଣ୍ଡ ନେଟ୍‌ୱାର୍କ ଅଧୀନରେ ଜଗତ୍‌ସିଂହପୁର ଜିଲାରେ ଗ୍ରୀନ ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ଭଳି ପଦକ୍ଷେପ ଦ୍ୱାରା ଶିଳ୍ପ ସମୃଦ୍ଧ ଜଗତ୍‌ସିଂହପୁର ଜିଲା ସମଗ୍ର ବିଶ୍ୱ ସହ ଅତି ସହଜରେ ସଂଯୋଗ ହୋଇପାରିବ।

ଏହାଦ୍ୱାରା ଜିଲାର ବାଣିଜ୍ୟ ତଥା ପର୍ଯ୍ୟଟନ କ୍ଷେତ୍ରରେ ବହୁ ସୁଯୋଗ ସୃଷ୍ଟି ହେବ। ଏହା ଜିଲାର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଶିଳ୍ପ ଏବଂ ଦକ୍ଷତା ବିକାଶ, ବୈଷୟିକ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଜିଲାରେ ମେଡିକାଲ କଲେଜ ଏବଂ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ଅନୁମୋଦନ ମିଳିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଯାହା ହୋଇ ପାରି ନ ଥିଲା, ତାହା ମାତ୍ର ୯ ମାସର ଭାଜପା ସରକାରରେ ସାକାର ହେବାକୁ ଯାଉଛି। ଜିଲାର ବିକାଶ ପ୍ରତି ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ପ୍ରକାଶ କହିଛନ୍ତି।

## ଅନ୍ତର୍ଯ୍ୟାମୀ ସଭାପତି, ବ୍ରଜକିଶୋର ସମ୍ପାଦକ

### କୁଜଙ୍ଗ ଓକିଲ ସଂଘ ନିର୍ବାଚନ




ଅନ୍ତର୍ଯ୍ୟାମୀ ନାରାୟଣ ଦାସ । ବ୍ରଜକିଶୋର ରାଉତ

କୁଜଙ୍ଗ,୨୯।୩(ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସଭାପତି ଭାବେ ଅନ୍ତର୍ଯ୍ୟାମୀ ନାରାୟଣ ଦାସ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ବିଚିତ୍ରାନନ୍ଦ ସ୍ୱାଇଁ ଓ ସାଧାରଣ ସମ୍ପାଦକ ଭାବେ ବ୍ରଜକିଶୋର ରାଉତ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଅନ୍ୟ ସମସ୍ତ ପଦବୀ ନିମନ୍ତେ ଜଣେ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସଭାପତି ଓ ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉପସଭାପତି ପଦବୀ ନିମନ୍ତେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭାପତି ପଦରେ ବରିଷ୍ଠ ଆଇନଜୀବୀ ଅନ୍ତର୍ଯ୍ୟାମୀ ନାରାୟଣ ଦାସ, କରୁଣାକର ସାହୁ ଓ ବିପିନ ବିହାରୀ ରାୟପାଲୁରଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ଅନ୍ତର୍ଯ୍ୟାମୀ ୬୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ କରୁଣାକର ୬୦ ଓ ଓ ବିପନ ୪୭ ଖଣ୍ଡ ଭୋଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀ ନିମନ୍ତେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ବ୍ରଜକିଶୋର ରାଉତ ଓ କିଶୋର ସ୍ୱାଇଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବ୍ରଜକିଶୋର ୭୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସଞ୍ଜୟ ବେହେରା ୬୭ ଓ କିଶୋର ସ୍ୱାଇଁ ୩୫ ଖଣ୍ଡ ଭୋଟ ପାଇ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ଅଛନ୍ତି। ଉପସଭାପତି ପଦବୀ ନିମନ୍ତେ ବିଚିତ୍ରାନନ୍ଦ ସ୍ୱାଇଁ ଓ ରାଜୀବ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଚିତ୍ର ୯୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ରାଜୀବଙ୍କୁ ୮୧ ଖଣ୍ଡ ଭୋଟ ମିଳିଛି। ପୂର୍ବରୁ ଯୁଗ୍ମ ସମ୍ପାଦକ ଭାବେ ଦୀପକ କୁମାର ନାୟକ, ସହସମ୍ପାଦକ ଭାବେ ରଞ୍ଜିତ ବିଶ୍ୱାଳ, ପାଠାଗାର ସମ୍ପାଦକ ଭାବେ ଜ୍ଞାନରଞ୍ଜନ ବିଶାଳ, କୋଷାଧ୍ୟକ୍ଷଭାବେ ଅଭୟ ବେହେରା, କାର୍ଯ୍ୟକାରୀ ସଭ୍ୟ ଭାବେ ଦେବେନ୍ଦ୍ର କୁମାର ରାଉତ, ମହେଶ୍ୱର ଦାସ, ନିର୍ମଳ କୁମାର ମଲ୍ଲିକ, ପାର୍ଥ ସାରଥି ମହାନ୍ତି, ପ୍ରଶାନ୍ତ ବାରିକ , ପ୍ରଶାନ୍ତ ଦାସ, ସୁବୋଧ ଶତପଥୀ ଓ ତୋଫାନ ବିଶ୍ୱାଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ ମହାନ୍ତି ପ୍ରକାଶ କରିଛନ୍ତି।

**ସରିଲା ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ**

## ସୁବାସ ସଭାପତି, ପ୍ରସନ୍ନ ସମ୍ପାଦକ



ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନର ବିଜୟୀ ପ୍ରାର୍ଥୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୨୯।୩ (ପ୍ରମୋଦ କୁମାର ନାୟକ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶନାମା ଅନୁସାରେ ସାରା ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ ସ୍ଥାନୀୟ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଶାନ୍ତିପୂର୍ଣ୍ଣ ହୋଇଛି। ଏଥିରେ ବରିଷ୍ଠ ଆଇନଜୀବୀ ସୁବାସ ଭୂଷଣ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରବୀନ୍ଦ୍ର କୁମାର ସ୍ୱାଇଁଙ୍କୁ ୬୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମହାପାତ୍ରଙ୍କୁ ୧୬୫ ଓ ସ୍ୱାଇଁଙ୍କୁ ୯୭ ଖଣ୍ଡ ଭୋଟ ମିଳିଛି। ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଲିଙ୍ଗରାଜ ମହାନ୍ତିଙ୍କୁ ୭୯ ଖଣ୍ଡ ଭୋଟ ମିଳିଛି। ସେହିପରି ସମ୍ପାଦକ ପଦବୀ ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱୀ ଥିବାବେଳେ ସାରଦା ପ୍ରସାଦ ଦାସଙ୍କୁ ହରାଇ ପ୍ରସନ୍ନ କୁମାର ମହାନ୍ତି ସମ୍ପାଦକ ହେବାର ଗୌରବ ହାସଲ କରିଛନ୍ତି। ମହାନ୍ତିଙ୍କୁ ୧୪୯ ଓ ଦାସଙ୍କୁ ୧୩୩ ଖଣ୍ଡ ଭୋଟ ମିଳିଛି। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ନୃସିଂହ ଚରଣ ବାରିକଙ୍କୁ ୫୮ ଖଣ୍ଡ ଭୋଟ ମିଳିପାରିଛି। ବଡକଥା ହେଲା ଲଗାତର ୪ ଥର ସମ୍ପାଦକ ହୋଇଥିବା ନରେଶ ଦାସ ଏଥର ପ୍ରାର୍ଥୀ ହୋଇ ନ ଥିଲେ। ଉପସଭାପତି ଭାବେ ସରୋଜ କୁମାର ବିଶ୍ୱାଳ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅମିୟ କୁମାର ମହାପାତ୍ରଙ୍କୁ ୭୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ବିଶ୍ୱାଳଙ୍କୁ ୨୦୧ ଓ ମହାପାତ୍ରଙ୍କୁ ୧୨୮ ଖଣ୍ଡ ଭୋଟ ମିଳିଛି। ଯୁଗ୍ମ ସମ୍ପାଦକ ଭାବେ ଜ୍ଞାନରଞ୍ଜନ ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଞ୍ଜନ କୁମାର ପଣ୍ଡାଙ୍କୁ ୨୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମହାନ୍ତିଙ୍କୁ ୧୮୧ ଓ ପଣ୍ଡାଙ୍କୁ ୧୫୬ ଖଣ୍ଡ ଭୋଟ ମିଳିଛି। କୋଷାଧ୍ୟକ୍ଷ ଭାବେ ଅଲେଖ ଚରଣ ବାରିକ ବିଜୟୀ ହୋଇଛନ୍ତି। ବାରିକଙ୍କୁ ୨୦୭ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିବେକାନନ୍ଦ ନାୟକଙ୍କୁ ୧୧୫ ଖଣ୍ଡ ଭୋଟ ମିଳିଛି। ସେହିପରି କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ବିଭୁ ପ୍ରସାଦ ନନ୍ଦ, ପ୍ରକାଶ ଚନ୍ଦ୍ର ରାୟ, ମୁରଲୀଧର ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ନାୟକ, କାହ୍ନୁ ଚରଣ ମହାନ୍ତି ଓ ରୋଜାଲିନ ଲେଙ୍କା ମନୋନୀତ ହୋଇଛନ୍ତି। ଚଳିତ ନିର୍ବାଚନରେ ମୋଟ ୩୭୩ ଭୋଟର ମଧ୍ୟରୁ ୩୪୨ ଜଣ ଆଇନଜୀବୀ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ନିର୍ବାଚନ ପରିଚାଳନା କରିଥିଲେ। ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ସଲିଲ କୁମାର ଘୋଷ, ପାର୍ଥସାରଥି ଦାସ, ଯଦୁମଣି ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ ଓ ସେଖ ଖୁସିଦ୍ ଅଲ୍ଲୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ମାଛ ଟ୍ରକ୍- କାର୍ ମୁହାଁମୁହିଁ ଧକ୍କା: ୨ ଆହତ



ଦୁର୍ଘଟଣାଗ୍ରସ୍ତ କାର୍



ମାଛ ଟ୍ରକ୍।

ରଘୁନାଥପୁର,୨୯।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା କଟକ ପାରାଦୀପ ରାସ୍ତାର ତାରପୁର ବାଇପାସ୍ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ଏକ ମାଛ ବୋଝେଇ ଟ୍ରକ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାର୍ ଚାଳକ ଓ ସେଥିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ତିର୍ତ୍ତୋଲ ଥାନା କନକପୁର ଗ୍ରାମର ସତ୍ୟ ଭୂଷଣ ଦାସ (୫୨) ଓ ଅନ୍ୟ ଜଣେ ହେଲେ ଏହି ଥାନା ଅନ୍ତର୍ଗତ ରାହାମା ଅଞ୍ଚଳର ରଶ୍ମିରଞ୍ଜନ ସାହୁ (୪୮)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ପାରାଦୀପରୁ ମାଛ ବୋଝେଇ କରି ଆସୁଥିବା ଏକ ଟ୍ରକ୍ ତାରପୁର ବାଇପାସ୍‌ର ପେଟ୍ରୋଲ ପମ୍ପ ନିକଟରେ କଟକ ଆଡୁ ଆସୁଥିବା ଏକ ୱାଗନର କାର୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଟ୍ରକର ପଛ ଚାରୋଟି ଚକ ସମ୍ପୂର୍ଣ୍ଣ ଭାଙ୍ଗି ଅଲଗା ହୋଇଯାଇଥିଲା। ଏହାପରେ ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିଛନ୍ତି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ରତ୍ନମାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରାହାମା, ୨୯।୩(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ଅନ୍ତର୍ଗତ ରତ୍ନମାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଣସରାର ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦୀପ୍ତ ଖଟୁଆଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ରଙ୍କ ସଞ୍ଚାଳନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ଅନାଦୀ ଖଟୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସିଆର୍‌ସିସି ଗୋବିନ୍ଦ ମିଶ୍ର, ଶିକ୍ଷକ ନେତା ସୁବାସ ସେନାପତି, ଶିକ୍ଷକ ଦେବବ୍ରତ ଦାସ ଏବଂ ବାୟା ଅବଧୂତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସୁରେଶଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ସୁରେଶଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଏବଂ ପାଠପଢ଼ିବା, ଆଗକୁ ବଢ଼ିବା, ଭବିଷ୍ୟତ ଗଢ଼ିବା ପାଇଁ ସରକାରଙ୍କ ପ୍ରୟାସକୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଦାସ, କମିଟିର ସଭ୍ୟା, ସଭ୍ୟ, ଅଭିଭାବକ ଗ୍ରାମର ମୁରବିମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ସୁଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ପରେ ପ୍ରାଇଜ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ବିଭୂଦତ୍ତ



@ ବିକାଶ



@ କିଶୋର



@ ରଶ୍ମି



@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧ରୁ ଜିଲା ମହୋତ୍ସବ କଲ୍ଲୋଳ

- ଯୋଗଦେବେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ
- ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଖସଡା ପ୍ରସ୍ତୁତ

ଜଗତ୍‌ସିଂହପୁର, ୨୯।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳକୁ ଆକର୍ଷଣୀୟ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଶନିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲାପାଳ ଜେ. ସୋନାଲ ପୌରୋହିତ୍ୟ କରି ଉତ୍ସବକୁ ଲୋକାଦୃତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଏପ୍ରିଲ ୧ରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପଡିଆରେ କଲ୍ଲୋଳ ଏବଂ ଓଡ଼ିଶା ଦିବସ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟନ ହେବ। ଏହି ଦିନଠାରୁ ୫ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଚାଲିବ। ୩ ତାରିଖରେ ଜିଲା ପ୍ରତିଷ୍ଠା ଦିବସ ହୋଇଥିବାରୁ ଏହି ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ୫ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ୨ରେ ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ସମେତ ମନ୍ତ୍ରୀ, ଏମ୍‌ପି, ବିଧାୟକ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଆଇଓସିଏଲ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଲ୍ଲୋଳ ଆରମ୍ଭରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବ। ପଲ୍ଲିଶ୍ରୀ ମେଳାରେ ୧୫୦ଟି ଷ୍ଟଲ୍ ବସିବ। ସେଥିରୁ ୨୦ଟିରେ ଫୁଡ୍‌କୋର୍ଟ ଆୟୋଜିତ ହେବ। ପଲ୍ଲିଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯିବ। ୪ରେ ବଲିଉଡ୍ ଗାୟକ ଜାଭେଦ ଅଲ୍ଲୀ ଓ ଟିମ୍ ମୁଖ୍ୟ ଆକର୍ଷଣ ରହିବେ। ଏହା ବ୍ୟତୀତ ୫ ଦିନ ବ୍ୟାପି ଓଲିଉଡ୍‌ର ପପୁ ପମ୍‌ପମ୍, ରୁକ୍ସନା ଏବଂ ବିଭିନ୍ନ ଜିଲାର ଲୋକ ସଙ୍ଗୀତ, ଲୋକ ନୃତ୍ୟ ଆଦି କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ଦିନ ଓଡ଼ିଶୀ, ଘଟ ନୃତ୍ୟ ପରିବେଷିତ ହେବ। ଅନ୍ୟ ଦିନଗୁଡ଼ିକରେ ଆଦିବାସୀ ଢେମ୍‌ସା, ଲାବନୀ, ଘୁମୁରା, ବାଘ ନୃତ୍ୟ, ପାଇକ ଆଖଡ଼ା, କୁଚିପୁଡ଼ି, ପଞ୍ଜାବୀ ଭାଙ୍ଗଡା, ସାହିଯାତ, ଗୋଟିପୁଅ, ଢାପ ନୃତ୍ୟ ଆଦି ପରିବେଷଣ କରାଯିବ। ଏହାବାଦ୍ ଜିଲାପାଳ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପାର୍କିଂ ଆଦି ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## 'ବିଦେଶୀ ମଦ ଦୋକାନ ବନ୍ଦ ହେଉ'

**ଛାତ୍ର କଂଗ୍ରେସର ଆନ୍ଦୋଳନ ଚେତାବନୀ**

ଜଗତ୍‌ସିଂହପୁର ୨୯।୩ (ପ୍ରମୋଦ କୁମାର ନାୟକ)



ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ଛାତ୍ର କଂଗ୍ରେସ କର୍ମୀମାନେ ଦାବିପତ୍ର ଦେଉଛନ୍ତି।

ଜଗତ୍‌ସିଂହପୁର ସାନବଜାରସ୍ଥିତ ବିଦେଶୀ ମଦ ଦୋକାନକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ମଦ ଦୋକାନ ସମ୍ମୁଖ ଅର୍ଥାତ୍ କଲେଜ ଛକରୁ ପୁରୋହିତପୁର ପର୍ଯ୍ୟନ୍ତ ଯାଇଥିବା ବାଇପାସ କେନାଲ ରାସ୍ତାଟି ସବୁବେଳେ ଜନଗହଳିପୂର୍ଣ୍ଣ ରହୁଛି। ପ୍ରତ୍ୟେକ ଦିନ ଉକ୍ତ ରାସ୍ତା ଦେଇ ସହସ୍ରାଧିକ ଲୋକ ଯାତାୟାତ କରନ୍ତି। କିନ୍ତୁ ଏହି ଠିପି ବନ୍ଦ ମଦ ଦୋକାନ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସରକାର ତୁରନ୍ତ ଏହି ମଦ ଦୋକାନ ବନ୍ଦ କିମ୍ବା ସ୍ଥାନାନ୍ତର କରନ୍ତୁ। ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ତୀବ୍ର କରାଯିବ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପଙ୍କଜ ପଣ୍ଡା, ରୁଦ୍ର ନାରାୟଣ ବେହେରା, ଜ୍ୟୋତିରଞ୍ଜନ ବେହେରା, ଲକ୍ଷ୍ମୀଧର ପ୍ରଧାନ, ସୁମନ୍ତ କୁମାର ସେଠୀ, ପାପୁନ ପ୍ରଧାନ, ବିଶ୍ୱଜିତ ଦାସ, ଆକାଶ ସ୍ୱାଇଁ ଓ ପ୍ରକାଶ ଦାସ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବିପତ୍ର ଦେଇଛନ୍ତି।

ସେମାନେ ଯୁକ୍ତି କରିଛନ୍ତି ଯେ, ପ୍ରତ୍ୟେକ ଦିନ ଏହି ଦୋକାନ ସମ୍ମୁଖରେ ମଦ ପିଇ ଅନେକ ଲୋକ ଅଶାଳୀନ ଭାଷାରେ ଗାଲୁଗୁଲଜ କରିବା ସହ ନିଜ ଭିତରେ ମାରପିଟ୍ ହେଉଛନ୍ତି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ହେଉଛି। ବିଶେଷକରି ସନ୍ଧ୍ୟା ହେଲେ ମଦ ଦୋକାନ ସମ୍ମୁଖରେ ଭିଡ଼ ଜମୁଛି। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଯିବାଆସିବା କରିବାକୁ ଭୟ କରୁଛନ୍ତି। ମଦ ଦୋକାନର ୩୦୦ ମିଟର ଭିତରେ ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଥାନା, ପୋଷ୍ଟ ଅଫିସ, ଜିଲାପାଳଙ୍କ କାର୍ଯ୍ୟାଳୟ ଆଦି ରହିଛି। ଏପରି କି ପରିବା ବଜାର ମଧ୍ୟ ରହିଛି। ପ୍ରତ୍ୟେକ ଦିନ ଶତାଧିକ ଲୋକ ଏହି ସ୍ଥାନକୁ ପରିବା କିଣିବାକୁ ଯାଇଥାନ୍ତି। ଏସବୁ ସତ୍ତ୍ୱେ ସେଠାରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯିବା ଦୁଃଖଦାୟକ ଘଟଣା। ମଦ୍ୟପମାନେ କେବଳ ମଦ ପିଇ ଉତ୍ପାତ କରୁନାହାନ୍ତି, ରାସ୍ତାରେ ମଦ ବୋତଲ ଭାଙ୍ଗିବାଠାରୁ ଆରମ୍ଭ କରି କେନାଲରେ ଏହି ବୋତଲ, ଚାଖଣ ଖାଉଥିବା ଠୁଙ୍ଗା ଆଦି ଫିଙ୍ଗୁଛନ୍ତି। ଏହାଦ୍ୱାରା କେନାଲ ପୋତି ହୋଇଯାଉଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏନେଇ ଲୋକେ ବାରମ୍ବାର ଅସନ୍ତୋଷ ପ୍ରକାଶ କଲେ ମଧ୍ୟ କିଛି ଫଳ ମିଳୁନାହିଁ। ଏସବୁ ଅଧିକ ଦିନ ସହ୍ୟ କରିହେବ ନାହିଁ ବୋଲି ଛାତ୍ର କଂଗ୍ରେସ ନେତାମାନେ ପ୍ରତିକ୍ରିୟାରେ କହିଛନ୍ତି ।

# ଭକ୍ତି ଭାବନାକୁ ଉଜ୍ଜୀବିତ କରାନ୍ତି ଦଣ୍ଡୁଆ

**ଓଡ଼ିଆ ଲୋକନାଟ୍ୟ ପରମ୍ପରାର ଦଣ୍ଡଯାତ୍ରା ସଂସ୍କୃତି ଅତି ପ୍ରାଚୀନ। ଏହାର ରୀତିନୀତି ନିଆରା। ପୀଠର ଅନୁକୂଳ ଓ ଅନ୍ତିମ ପର୍ବ ଏକାପରି ହୋଇଥିବାବେଳେ ଆର୍ଥିକ ସମ୍ବଳ ଅନୁସାରେ କେଉଁଠି ୨୧ ଦିନ ଓ ଅନ୍ୟ କେଉଁଠି ୫ରୁ ୧୯ ଦିନ ପର୍ଯ୍ୟନ୍ତ ଏହା ପାଳିତ ହୋଇଥାଏ। ମାନସିକ ପୂରଣ କରିବାର ସଂକଳ୍ପକୁ ନେଇ ଚଇତାଳି ଖରାକୁ ଖାତିର ନ କରି ମନ ଭିତରେ ରହିଥିବା ଭକ୍ତି ଓ ଭାବନାକୁ ଉଜ୍ଜୀବିତ କରାଇଥାନ୍ତି ଦଣ୍ଡୁଆମାନେ। ତାହା ପୁଣି ନିଶାର୍ଦ୍ଧରେ କିଛିଟା ଖାଇ ନିଜର ଭକ୍ତିଭାବର ଅନୁରୂପ ପରିଚୟ ଦେଇଥାନ୍ତି।**



ନୟାଗଡ଼ ବ୍ଲକ ସଠିଆପଲ୍ଲୀରେ ଦଣ୍ଡପର୍ବରେ ସାମିଲ ଦଣ୍ଡିଆ ଓ ଅନ୍ୟମାନେ।

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

କାଷ୍ଠା ଉପବାସ ରହି ଅଗ୍ନିଦଣ୍ଡ ଧରି ଦିନତମାମ ରୌଦ୍ରତାପରେ ଅବିଶ୍ରାନ୍ତ ଯାତ୍ରା ହେଉଛି ଦଣ୍ଡଯାତ୍ରା। ଏହାର ଠାକୁର କାମନାବର ବା ବାନାମ୍ବର। ଉପାସନାକାରୀ ଦଣ୍ଡୁଆ(ଭଗତା) ରୂପେ ପରିଚିତ। ଏହି ପର୍ବ ନୟାଗଡ଼ ଜିଲାର ବିଭିନ୍ନ ଗାଁରେ ମୀନ ସଂକ୍ରାନ୍ତିରୁ ମହା ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ପରମ୍ପରା ମୁତାବକ ପାଳିତ ହୋଇଆସୁଛି। ଦଣ୍ଡଯାତ୍ରା ମାଧ୍ୟମରେ ହରପାର୍ବତୀଙ୍କ ମହିମା କାହିଁ କେଉଁ କାଳରୁ ପ୍ରଚାର ଓ ପ୍ରସାର ହୋଇଆସୁଛି। ଦଣ୍ଡପୂଜା ପାଇଁ ପୀଠାଧୀଶ ମହାଦେବଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି, ନିଶାର୍ଦ୍ଧରେ ଚୋରାପାଣି ତୋଳା ପ୍ରଭୃତି ବିଭିନ୍ନ କଟକଣା ସହକାରେ ଦେବନୀତି ପାଳନ କରାଯାଏ। ପାଣିତୋଳାଠାରୁ ଗୃହତ୍ୟାଗୀ ଦଣ୍ଡୁଆମାନେ କାମନା ଘରେ ରୁହନ୍ତି। ଅମୃତ ଜଡୁ ଭିତରେ କାମନାବର/ବାନାମ୍ବରଙ୍କ ଦଣ୍ଡବେତକୁ ସ୍ଥାପନ କରି ପାଟ ଭଗତା ଠାକୁରଙ୍କୁ ଧରିଥାନ୍ତି। ଭଗତାମାନେ କାମନାବରଙ୍କୁ ନବବସ୍ତ୍ର ପରିଧାନ କରାଇ ମସ୍ତକରେ କାଠଚମ୍ପା, ଅରଖ ଫୁଲରେ ତାହିଆ ଖଞ୍ଜିଥାନ୍ତି। ୨ଜଣ ଦଣ୍ଡୁଆ ମାଟିଦଣ୍ଡ ମଶାଲରେ ଝୁଣା ଧୂପ ପକାଇ ନାଟୁଆଙ୍କ ପରି ନାଚିନାଚି ଯାଉଥାନ୍ତି। ଆଉ ଜଣେ ଦଣ୍ଡୁଆ ହାଣ୍ଡିରେ ଝୁଣାଗୁଣ୍ଡ ଧରି ସାଙ୍ଗରେ ଯାଉଥାନ୍ତି। ଢୋଲ, ଡ୍ରାସ, ଝାଞ୍ଜ ଶବ୍ଦର ଏକ ଆଧ୍ୟାତ୍ମିକ ପରିବେଶରେ ଭଗତାମାନେ ଗ୍ରାମର ମଙ୍ଗଳ ପାଇଁ ହକ ଦେଇଥାନ୍ତି-ହୋ ତେର ଭକତେ ଭକ୍ତର ମନସ୍କାମନା ପୂରଣ କର ହେ, ବ୍ୟାଧିମୁକ୍ତ ରଖ ହେ, ଶରୀର ଆରୋଗ୍ୟ ରଖ ହେ କହି ଗ୍ରାମ୍ୟ ପରିକ୍ରମାକରି ଠାକୁରଙ୍କ ପ୍ରସାଦ ଧୂପ ସମସ୍ତଙ୍କୁ ପ୍ରଦାନ କରିଥାନ୍ତି। ଏହି ଯାତ୍ରା ନିର୍ଦ୍ଦିଷ୍ଟ ଗ୍ରାମ ମଧ୍ୟରେ ସୀମାବଦ୍ଧ ନୁହେଁ। ଗୋଟିଏ ଗ୍ରାମର ଠାକୁରଙ୍କୁ ଆଉ ଏକ ଗାଁକୁ ବରଣକରି ନିଆଯାଏ। ମଧ୍ୟାହ୍ନର ଧୁ ଧୁ ଖରାରେ ଗାଁ ଭିତରେ ଠାକୁର ଦଣ୍ଡ ଖେଳନ୍ତି। ଠାକୁର ଚାଷୀଙ୍କ ନୂଆବର୍ଷ ପାଇଁ ଧାନ ବୁଣା ଆରମ୍ଭ କରନ୍ତି। ଗାଁଦାଣ୍ଡର ତାତିଲା ବାଲିରେ ଦଣ୍ଡ ଭଗତାମାନେ କୃଷିକର୍ମ କରିଥାନ୍ତି। ମଣିଷକୁ ଲଙ୍ଗଳ, ଦଉଡି, ଯୁଆଳି, ବଳଦ, ମଇ, ଲଙ୍ଗଳ କରାଇ ଚାଷ, ବେଉଷଣ, ମଇଦିଆ, କମଣ, ବଛା, ଖେଳୁଆ ସାରି କ୍ଷେତ କାଟି ଫସଲ ଅମଳ କରିଥାନ୍ତି। ଢୋଲମାଡ଼ର ତାଳେ ତାଳେ ଦଣ୍ଡୁଆମାନଙ୍କ ହଲୁଆ ଗୀତ ବେଶ୍ ସୁଖକର ହୋଇଥାଏ। ଏହି ଧୂଳିଦଣ୍ଡ ଖେଳ ସହର ଓ ଗ୍ରାମଗୁଡ଼ିକରେ ଭକ୍ତିଭାବର ମନୋଜ୍ଞ ପରିବେଶ ସୃଷ୍ଟି କରେ। ସୂର୍ଯ୍ୟାସ୍ତ ସମୟରେ କାମନାବର ଦଣ୍ଡ ଭକତାଙ୍କ ଗହଣରେ ସ୍ନାନକରନ୍ତି। ସନ୍ଧ୍ୟାରେ ଗ୍ରାମ୍ୟ ପରିକ୍ରମା ସମୟରେ ଝୁଣାଧୂପ ମାଡ଼ରେ ଦଣ୍ଡ ମଶାଲ ଅଗ୍ନି ଆକାଶକୁ ବ୍ୟାପିଯାଏ। ଠାକୁର ଭୋଗ ସାରିବା ପରେ ଭକତାମାନେ ଦୂର ନିଛାଟିଆ ମନ୍ଦିର ବେଢ଼ାରେ ଦିନକୁ ଥରେ ଧୂଆ ମୁଗ, ନଡ଼ିଆ, କଦଳୀ, ଆମ୍ବ ନାନାଦି ଫଳ ରସ ସହ ନବାତ ପଣା ସାରନ୍ତି। ରାତିରେ କାମନାବରଙ୍କ ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ ପରିବେଷଣ କରାଯାଏ। ରାତିସାରା ଉଜାଗର ରହି ମଝିରେ ମଝିରେ ଭକତାମାନେ ହକ ଦିଅନ୍ତି। ମଞ୍ଚରେ କାଳୀ ଆବିର୍ଭାବ ହୋଇ ମଞ୍ଚସିଦ୍ଧ କରନ୍ତି। ପରେ ହରଗୌରୀଙ୍କ ସଂସାର ଭ୍ରମଣ ଅଭିନୟ ହୋଇଥାଏ। ନାଟକର ମୁଖ୍ୟ ଉଦ୍ଦେଶ୍ୟ ଚଢ଼େୟାର ଔଦ୍ଧତ୍ୟ ଭଙ୍ଗ ଓ ହରଗୌରୀଙ୍କ ମହିମା ପ୍ରଚାର କରିଥାଏ।

**ହାନ୍ଦୋଳା ଖେଳ, ନିଆଁଗାଡ଼ ମୁଖ୍ୟ ଆକର୍ଷଣ**

ମେରୁ ଉପବାସ ପର୍ବର ପ୍ରଧାନ ଉପବାସ। ପ୍ରବାସକୁ ଯାତ୍ରା କରିଥିବା ଠାକୁର ଏହିଦିନ ପୂର୍ବରୁ କାମନା ଘରକୁ ଫେରିଥାନ୍ତି। ଗାଁରେ ସେହିଦିନ ଶଙ୍ଖୁଡ଼ି ପଡ଼େ ନାହିଁ। ହାନ୍ଦୋଳା ଖେଳ, ନିଆଁଗାଡ଼ ଚାଲିବା ପାଇଁ ହୋମଯଜ୍ଞ କରାଯାଏ, ଯାହାକି ମୁଖ୍ୟ ଆକର୍ଷଣ। ଦଣ୍ଡଠାକୁରଙ୍କ ରହଣୀ ସ୍ଥାନ କାମନା ଘର ସମ୍ମୁଖରେ ୨ଟି ଗୋଲାକାର ଖମ୍ବ ପୋତାଯାଏ। ପ୍ରାୟ ଦେଢ଼ ମଣିଷ ଉଚ୍ଚରେ ଦୁଇ ଖମ୍ବକୁ ଆଡ଼ିକାଠ ଦ୍ୱାରା ସଂଯୋଗ କରାଯାଏ। ଆଡିର ମଧ୍ୟଭାଗରେ ଶକ୍ତ ଦଉଡି ଝୁଲିଥାଏ। ଏହି ଦଉଡିରେ ଭକତାମାନଙ୍କ ଗୋଡକୁ ବନ୍ଧାଯାଇ ହୋମ କୁଣ୍ଡକୁ ମୁଣ୍ଡ ଝୁଲାଇ ଅଗ୍ନିସ୍ନାନ କରାଯାଏ। ଏହାକୁ ହାନ୍ଦୋଳା କୁହାଯାଏ। ମେରୁ ସନ୍ଧ୍ୟାରେ ଏହି ଖେଳ ହୋଇଥାଏ। ସେହି ରାତିର ଶେଷଭାଗରେ ମାଟିଦଣ୍ଡ ମଶାଲ ଛପାଯାଏ। ପଣା ସଂକ୍ରାନ୍ତିର ସକାଳ ସମୟରେ ଡହଡହ ନିଆଁ ରଡରେ ୯ରୁ ୨୧ ହାତ, ୧୨୧ ହାତ ନିଆଁଗାଡ଼ରେ ଭକତାମାନେ ତପସ୍ୱୀଙ୍କ ପରି କାମନାବରଙ୍କୁ ଧରି ଚାଲିଥାନ୍ତି। ତେବେ ନିଆଁଗାଡ଼ର ପ୍ରାରମ୍ଭରୁ ମଧ୍ୟବର୍ତ୍ତୀ ଅଞ୍ଚଳରେ ପାଣିକୁଣ୍ଡ କରାଯାଇଥାଏ। ଭକତା ନିଆଁରେ ଚାଲିବା ପରେ କିଛି ସମୟ ଏଠାରେ ଅଟକି ରହିବାର ବ୍ୟବସ୍ଥା ହୋଇଥାଏ। ପଣା ସଂକ୍ରାନ୍ତିର ପରଦିନ ମଣିମାଙ୍କ ଶୁଦ୍ଧକ୍ରିୟା କରିଥାନ୍ତି। ପାହାଡ ଅଥବା ନିର୍ଦ୍ଦିଷ୍ଟ ସ୍ଥାନରେ ଭକତାମାନେ ଦଣ୍ଡକୁ ଛପାଇ ରଖନ୍ତି। ସେଠାରେ ଚମ୍ପାବରକୁ ଅଗ୍ନି ନିର୍ବାପନ କରି ଠାକୁରଙ୍କୁ ଯଥା ସ୍ଥାନରେ ଅବସ୍ଥାନ କରାନ୍ତି। ଶେଷରେ ନିଜର ପଇତା ବିସର୍ଜନ କରି ଶୁଦ୍ଧି ହୋଇ ଘରକୁ ଫେରନ୍ତି।

**ପରମ୍ପରାକୁ ବାନ୍ଧିରଖିଛି ଦଣ୍ଡଯାତ୍ରା**

# ୨ୟ ଅଯୋଧ୍ୟାରେ ନବାହ୍ନ ପାରାୟଣ, ପ୍ରବଚନ





ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ମନ୍ଦିରରେ ନବାହ୍ନ ପାରାୟଣ ଲାଗି କଳସ ଶୋଭାଯାତ୍ରା, ମନ୍ଦିରରେ ପୂଜା ପାଉଥିବା ମୂର୍ତ୍ତି।

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

ରାମନବମୀ ଅବସରରେ ଓଡ଼ିଶାର ୨ୟ ଅଯୋଧ୍ୟା ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡରେ ଶ୍ରୀରାମ ଚରିତ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। ଏହା ଏପ୍ରିଲ ୬ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷେ ଶ୍ରୀରାମ ନବମୀ ତିଥିରେ ଶ୍ରୀରାମ ଜନ୍ମୋତ୍ସବ ପାଳନ ହେବ। ଏହି ଅବସରରେ କଳସ ଶୋଭଯାତ୍ରା ଓ ଅଙ୍କୁରାରୋପଣ ପର୍ବ ଶେଷ ହୋଇଛି। ଭୋର ୫ଟାରେ ଶତାଧିକ ମାନସିକଧାରୀ ମହାନଦୀ ଘାଟରୁ କଳସ ଯୋଗେ ଜଳ ଆଣି ଯଜ୍ଞ ମଣ୍ଡପରେ ପହଞ୍ଚାଇ ଥିଲେ। ନାମ ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳିରେ ଶ୍ରୀରାମଙ୍କ ପୀଠ ପ୍ରକମ୍ପିତ ହୋଇଥିଲା। କର୍ତ୍ତା ଭାବେ ବିକ୍ରମ ପ୍ରଧାନ ଓ କର୍ତ୍ତୀ ଭାବେ ସୁଲୋଚନା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବାହ୍ନରେ ରାମ ଚରିତ ମାନସ ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ପଣ୍ଡିତ ନାରାୟଣ ପଣ୍ଡାଙ୍କ ଦ୍ୱାରା ନାମ ମହାତ୍ମ୍ୟ, ଶିବ ପାର୍ବତୀ ବିବାହ, ସତ୍‌ସଙ୍ଗର ମହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ। ୨୦୨୪ ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେଉଥିବାବେଳେ ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଗିରି ଗୋବର୍ଦ୍ଧନ ପାହାଡ ଶୀର୍ଷରେ ୬୫ ଫୁଟର ମନ୍ଦିରରେ ଅନୁରୂପ ଭାବେ ପ୍ରତିଷ୍ଠା ହୋଇଥିଲା। ପ୍ରାଣ ପ୍ରତିଷ୍ଠା ପରେ ସମୁଦ୍ର ପତନରୁ ୧୮୦୦ ଫୁଟ ଉଚ୍ଚରେ ଗିରି ଗୋବର୍ଦ୍ଧନ ପାହାଡରେ ବିରାଜି ଥିଲେ ସାଢ଼େ ୬ ଫୁଟର ପ୍ରଭୁ ଶ୍ରୀରାମ। ପ୍ରଭୁ ଶୀରାମଙ୍କ ସୁନ୍ଦର ଓ ଦିବ୍ୟ ମୂର୍ତ୍ତି ଭକ୍ତଙ୍କୁ ବିମୋହିତ କରି ଆସୁଛି। ଶ୍ରୀରାମଙ୍କ ମନ୍ଦିର ହେବା ପରେ ଗିରି ଗୋବର୍ଦ୍ଧନ ପାହାଡର ନାମ ପରବର୍ତ୍ତନ ହୋଇ ଶ୍ରୀରାମ ପାହାଡର ରୂପ ବହନ କରିଛି। ମନ୍ଦିର ପ୍ରତିଷ୍ଠା ପରେ ଫତେଗଡ଼ ରାମ ମନ୍ଦିର ରାଜ୍ୟର ଏକ ଚର୍ଚ୍ଚିତ ପର୍ଯ୍ୟଟନସ୍ଥଳ ଭାବେ ଉଭା ହୋଇପାରିଛି। ଯଦିଓ ସରକାରୀ ଭାବେ ଫତେଗଡ଼ ରାମ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇନାହିଁ ତେବେ ପର୍ଯ୍ୟଟକଙ୍କ ଭିଡ ସବୁବେଳେ ଲାଗି ରହୁଛି। ରାଜ୍ୟ ଭିତର ଓ ବାହାରର ଭକ୍ତ ପ୍ରତ୍ୟହ ଫତେଗଡ ଆସି ଠାକୁରଙ୍କୁ ଦର୍ଶନ କରି ଫେରୁଛନ୍ତି।

## ଜାତୀୟ ଗ୍ରାମାଞ୍ଚଳ ଗରିବ ମେଧାବୃତ୍ତି ପାଇଲେ ସ୍ୱୟଂଶ୍ରଦ୍ଧା

**ନୟାଗଡ଼,୨୯।୩(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ହରିପୁର ପଞ୍ଚାୟତର ସାରଙ୍ଗଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱୟଂଶ୍ରଦ୍ଧା ମହାକୁଡ଼ ଜାତୀୟ ଗ୍ରାମାଞ୍ଚଳ ଗରିବ ମେଧାବୃତ୍ତି ପାଇଲେ। ସେହିପରି ବ୍ଲକର ନୂଆଗାଁ ଆଦର୍ଶ ବିଦ୍ୟାଳୟ, ନୂଆଗାଁ ହାଇସ୍କୁଲର ଜଣେ ଲେଖାଏ ୨ଜଣ ଅନୁରୂପ ଭାବେ ମେଧା ବୃତ୍ତି ପାଇଛନ୍ତି। ସ୍ୱୟଂଶ୍ରଦ୍ଧାଙ୍କ ବାପା ବନବାସୀ ମହାକୁଡ଼ ଜଣେ ଖବରକାଗଜ ବିତରକ। ଝିଅର ସଫଳତା ପାଇଁ ସେ ଖୁସି ଅନୁଭବ କରିଥିବା କହିଛନ୍ତି।



ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଭୁଦତ୍ତ



@ ବିକାଶ



@ କିଶୋର



@ ରଶ୍ମି



@ ସୂର୍ଯ୍ୟମଣି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଳିସାହି ଦଶଦୋଳ ମହୋତ୍ସବ ଶେଷ

**ଖଣ୍ଡପଡ଼ା,୨୯।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଦଶ ଦୋଳ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ବାପିନା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଫକୀର ମୋହନ ଦାସ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ, ଛୋଟ ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ବରଗଡ଼ର ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ପରେ ଇରା ମହାନ୍ତିଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁରଶ୍ରୀ ସାଥୁଆ, ସୁଶ୍ରୀ ସ୍ୱାଗତିକା ସାହୁ, ପ୍ରମୋଦ ପାଢୀ ଓ ରାମଚନ୍ଦ୍ର ସାହୁଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସମ୍ପାଦକ ଧୀରେନ ଗଣ୍ଡିଆ, ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ କୁମାର ସାହୁ, ଉପସଭାପତି ଫକୀର ମୋହନ ସାହୁ, ଦୀପକ କୁମାର ସାହୁ, ବିରଞ୍ଚି ନାରାୟଣ ମିଶ୍ର, ଶୁଭମ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପ୍ରଦର୍ଶନ।

# ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପାସ୍ ନ ମିଳିବାରୁ ଶ୍ରୀଜୀଉଙ୍କ ନୀତି ବନ୍ଦ

**ଖଣ୍ଡପଡ଼ା,୨୯।୩ (ଅଜୟ କୁମାର ମହାରଣା)**

ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ସେବାୟତଙ୍କୁ ପାସ୍ ନ ମିଳିବାରୁ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ନୀତି ଶନିବାର ବନ୍ଦ ରହିଥିଲା। ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କ ବୁଝାଶୁଝାର ଦୀର୍ଘ ସମୟ ପରେ ନୀତି ତଥା ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିବା ନୀଳମାଧବ ପୂଜକ ସମାଜ ସଭାପତି ମନୋଜ କୁମାର ମିଶ୍ରଙ୍କଠାରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଣ୍ଟିଲୋ ଗସ୍ତ କାର୍ଯ୍ୟକ୍ରମ ସମୟରେ ଜିଲା ଓ ରାଜ୍ୟ ପ୍ରଶାସନ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ବିଧି ବ୍ୟବସ୍ଥା କ୍ରମେ ପ୍ରୟାସ ଜାରି ରଖିଥିଲେ। ତେବେ ରାଷ୍ଟ୍ରପତିଙ୍କ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ସମୟରେ ପ୍ରୋଟୋକଲ ଅନୁସାରେ ବ୍ୟବସ୍ଥା କରାଯାଇଥିବା ବେଳେ ଜୀଉଙ୍କ ସେବାସୀମାନଙ୍କ ପାଇଁ ଆବଶ୍ୟକ ମତେ ଅନୁମତି ପତ୍ର (ପାସ୍)ର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହି ସମୟରେ ଆଉ କେତେଜଣ ସେବାସୀ ପାସ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏହି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶନିବାର ଠାକୁରଙ୍କ ସୁଆର ପାଳି ଥିବା ଜଣେ ସେବାସୀଙ୍କୁ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପାସ ମିଳି ନ ଥିବାକୁ ଆଳ କରି ମଧ୍ୟାହ୍ନ ଧୂପ ନିମନ୍ତେ ରୋଷ ଚୁଲି ଲାଗି ନ ଥିଲା। ଯଦିଓ ଠାକୁରଙ୍କ ସକାଳ ଗୋପାଳବଲ୍ଲଭ ନୀତି ପୂର୍ବାହ୍ନ ୯ଟାରେ ସମ୍ପନ୍ନ ହୋଇ ସାରିଥିଲା। ପରବର୍ତ୍ତୀ ସମୟ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସକାଳଧୂପ ନୀତି ଅନୁଷ୍ଠିତ ହୋଇଥାଏ। ମାତ୍ର ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ପାସ ମିଳି ନ ଥିବାକୁ ଆଳ କରି ସୁଆର ଦାୟିତ୍ୱରେ ଥିବା ସେବାସୀ ଜଣକ ନୀତିରେ ବିଭ୍ରାଟ ସୃଷ୍ଟି କରିଥିଲେ। ଏ ସମ୍ପର୍କରେ ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ପୂଜକ ସଂଘଙ୍କ ତାଲିକାନୁଯାୟୀ ପ୍ରଥମେ ୪୦ ଓ ପରେ ୩ଜଣଙ୍କୁ ଏପରି ୪୩ ଜଣଙ୍କୁ ପାସ୍ ପ୍ରଦାନ କରାଯାଇଥିଲା। ସେ ସମୟରେ ଯଦି ସଂଘ ପକ୍ଷରୁ ଆଉ କାହାକୁ ପାସ୍ ଦେବାକୁ ସୂଚନା ଦେଇଥାନ୍ତେ ତେବେ ତା'ର ବ୍ୟବସ୍ଥା କରାଯାଇ ପାରିଥାନ୍ତା। ମାତ୍ର ରାଷ୍ଟ୍ରପତି ଆସିବାର ଘଣ୍ଟାଏ ପୂର୍ବରୁ ପାସ୍ ପାଇଁ କହିଲେ, ଫଳରେ ଏହାର ବନ୍ଦୋବସ୍ତ କରିବା ସମ୍ଭବ ନୁହେଁ। କାରଣ ପାସ୍ ପ୍ରଦାନ କରିବା ଦାୟିତ୍ୱ ଆମ ହାତରେ ନାହିଁ। ତେବେ ତ୍ରିପାଠୀ ନୀତି ବନ୍ଦ କରିଥିବା ସମ୍ପୃକ୍ତ ସୁଆରକୁ ବୁଝାଶୁଝା କରିବା ପରେ ନୀତି ସ୍ୱାଭାବିକ ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ଅପରାହ୍ନ ପ୍ରାୟ ୪ଟାରେ ବିଳମ୍ବରେ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଥାଉକି, ଗତ ୮ବର୍ଷ ହେଲା ମନ୍ଦିର ପରାମର୍ଶଦାତା କମିଟି ଗଠନ ହୋଇ ପାରି ନ ଥିବାରୁ ମନ୍ଦିର ପରିଚାଳନାରେ ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ମନ୍ଦିରର ଶୃଙ୍ଖଳିତ ପରିଚାଳନା ଲାଗି ରାଜ୍ୟ ସରକାରଙ୍କ ଆଇନ ବିଭାଗ ନିର୍ଦ୍ଦେଶକ୍ରମେ ନୀଳମାଧବ ମନ୍ଦିରରେ ସ୍ୱତନ୍ତ୍ର ଭାବେ ଜଣେ ଦେବୋତ୍ତର ମ୍ୟାନେଜରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୀର୍ଘ ୩ ବର୍ଷ ହେବ ସମ୍ପୃକ୍ତ ମ୍ୟାନେଜର ସୁଚାର ରୂପେ କାର୍ଯ୍ୟ ସମ୍ପାଦିତ କରି ୮ମାସ ହେବ କୌଣସି କାରଣରୁ ଇସ୍ତଫା ପ୍ରଦାନ କରିଛନ୍ତି। ଫଳରେ ମନ୍ଦିର ପରିଚାଳନାଗତ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେବେ ମନ୍ଦିରର ସୁପରିଚାଳନା ନିମନ୍ତେ ନୂତନ ମ୍ୟାନେଜର ନିଯୁକ୍ତି ସହ ମନ୍ଦିର ପରାମର୍ଶଦାତା କମିଟି ଗଠନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ତହସିଲଦାରଙ୍କ ବୁଝାଶୁଝା ପରେ ବିଳମ୍ବରେ ନୀତି ଆରମ୍ଭ**



